## ସଂକ୍ଷେପରେ

### ୨ ବାଇକ୍ ଧକ୍କା: ଜଣେ ମୃତ

**କଳମପୁର, ୧୦।୩ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଳମପୁର ଥାନା ବଡକୁତ୍ରୁ ଫାଣ୍ଡି ଅନ୍ତର୍ଗତ ମିନଗୁର ଜୋର ବୁଲାଣିରେ ସୋମବାର ୨ ବାଇକ୍ ମଧ୍ୟରେ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମିନଗୁର ଡେରଲାପଡ଼ା ଗ୍ରାମର ବଂଶୀ ଶବର। ସୂଚନା ଅନୁସାରେ ବଂଶୀ ଓ ମଣ୍ଡଳ ଗ୍ରାମ ପଞ୍ଚାୟତ ଭାଟିଗାଁର ଭବିନ ପ୍ରଧାନୀ ପୃଥକ ବାଇକ୍‌ରେ କୌଣସି କାମରେ ବାହାରକୁ ଯାଇ ଫେରୁଥିବା ସମୟରେ ଦୁହିଁଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଆହତ ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ଡାକ୍ତର ବଂଶୀଙ୍କୁ ମୃତ ଘୋଷଣା କରିଥିଲେ। ଭବିନ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ୨ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

### ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଡ଼ିଆଲ, ୧୦।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆଁ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଟିକେରାମ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଭୁଲିଆସିକୁଆଁ ସରପଞ୍ଚ ଲକ୍ଷ୍ମୀ ବାଗ, ଜିଲା ସେବକ ସଂଘ ସମ୍ପାଦକ ଲଏବାନ ବାଗ ମୁଖ୍ୟ ବକ୍ତା ଓ ଶିକ୍ଷାବିତ୍ ଲିଙ୍ଗରାଜ ମେହେର, ସମିତି ସଭ୍ୟ ଶିଶୁପାଳ ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟଙ୍କଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ମେହେର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିବାବେଳେ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ଅଲେଖ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସରୋଜ ବାଗ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ରାଜ୍ୟ ସାଧାରଣ ସମ୍ପାଦକ ମନୋନୀତ

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ):** ଓଡ଼ିଶା ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସାଧାରଣ ସମ୍ପାଦକ ଭାବେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ସାମାଜିକ କର୍ମୀ ସରୋଜ ବାଗଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।



ଏହା ପୂର୍ବରୁ ସେ ଭବାନୀପାଟଣା ସହରର ଟାଉନ କାର୍ଯ୍ୟକାରୀ ସଭାପତି, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜିଲା ସଂଯୋଜକ ଭାବେ କାର୍ଯ୍ୟ କରିଆସୁଥିଲେ।

### ଶିକ୍ଷା ବିନା ଜୀବନ ମୂଲ୍ୟହୀନ

**ଲାଠୋର, ୧୦।୩ (ଭୁବନେଶ୍ୱର ବାରିକ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସର୍ବେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ବିନା ମଣିଷର ଜୀବନ ମୂଲ୍ୟହୀନ ବୋଲି କହିଥିଲେ। ଲାଠୋର କେନ୍ଦ୍ର ସଂଯୋଜକ ଚକ୍ରଧର ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନେ ଭଲ ପାଠପଢି ବଡ଼ ମଣିଷ ହେବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ମାଧୁରୀ କୁଅଁର, ଗ୍ରାମର ବରିଷ୍ଠ ନାଗରିକ ଟିକୁନୁ ନାଗ, ରଘୁମନ କୁମୁରା, ଦୀପକ ସରାଫ ଉତ୍ସବରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଭଗତ ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଭଗବାନ ସେଠ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଧର୍ମପଦ ସାହୁ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି, ପ୍ରେମଶିଳା ଛତ୍ରିଆ ସହଯୋଗ କରିଥିଲେ।

# ମହିଳାଙ୍କ ସୁରକ୍ଷା ଦାବିରେ କଂଗ୍ରେସର ବିକ୍ଷୋଭ



ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ ସମାବେଶରେ ନେତୃବୃନ୍ଦ।

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଦାବିରେ କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସ ଓ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କ ଆହ୍ୱାନକ୍ରମେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମାକରିବା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲା ପର୍ଯ୍ୟବେକ୍ଷକ ମନୋରଞ୍ଜନ ତ୍ରିପାଠୀ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣ୍ଡୁଆ, ମହିଳା ନେତ୍ରୀ ସୁକାନ୍ତି ସରାଫ, ଜିଲା ଉପସଭାପତି ଧନୁର୍ଦ୍ଧର ଗହୀର, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଦାଶ, ଚିତ୍ତରଞ୍ଜନ ନିଆଲ, ସରୋଜ ବାଗ, ଲାଞ୍ଜିଗଡ଼ ବ୍ଲକ୍ ସଭାପତି ଜଳନ୍ଧର ନାଏକ, ଭବାନୀପାଟଣା ସଭାପତି ସୁବାସ ପ୍ରଧାନ, ଜିଲା କିଷାନ ସେଲର ସଭାପତି ତୁଲେଶ୍ୱର ନାଏକ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଭାଜପା ସରକାର ଓ ପୂର୍ବର ବିଜେଡି ସରକାରକୁ ଦଳୀୟ ନେତା କଡ଼ା ସମାଲୋଚନା କରିଥିଲେ। ବିଜେଡି ସମୟରେ ଯେମିତି ମହିଳାମାନଙ୍କ ଉପରେ ଅତ୍ୟାଚାର ହେଉଥିଲା ଭାଜପା ସମୟରେ ମଧ୍ୟ ବଢ଼ିଚାଲିଛି। କଂଗ୍ରେସ ଶାସନକୁ ଆସିଲେ ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବନ୍ଦ ହେବ ବୋଲି କହିଥିଲେ। ଜିଲା ଉପସଭାପତି ଉଚ୍ଛବ ସାହୁ ସଭା ପରିଚାଳନା କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମହିଳା ସୁରକ୍ଷା ନାଁରେ ସରକାର ଭୁଆଁ ବୁଲାଉଛନ୍ତି

**ନୂଆପଡ଼ା, ୧୦।୩ (ମକାରୁ ବେମାଲ)**

ରାଜ୍ୟରେ ଏସ୍‌ସି,ଏସ୍‌ଟି, ଓବିସି ମହିଳା ଓ ନାବାଳିକାଙ୍କ ଉପରେ ଅପରାଧ ବୃଦ୍ଧି ପାଉଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଏହାକୁ ନେଇ ସୋମବାର ଜିଲା କଂଗ୍ରେସ କମିଟି ରାସ୍ତାକୁ ଓହ୍ଲାଇଛି। ସଭାପତି ସୁରେଶ ଆଜାଦଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କର୍ମକର୍ତ୍ତା ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ପ୍ରଦାନ କରିଥିଲେ ।

କର୍ମକର୍ତ୍ତା ଦର୍ଶାଇଥିଲେ, ରାଜ୍ୟରେ ଭାଜପା ସରକାର ଆସିଲା ଦିନଠାରୁ ଅପରାଧ ବଢିବାରେ ଲାଗିଛି। ବିଶେଷ କରି ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ମହିଳା, ଶିଶୁ ଓ ନାବାଳିକାଙ୍କ ଉପରେ ଅତ୍ୟାଚାର ବଢୁଛି। ଥାନାକୁ ଏତଲା ଦେବାକୁ ଗଲେ ତାହା ରଖାଯାଉ ନାହିଁ। ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ୩୬ ହଜାର ୪୨୦ ଜଣ ମହିଳା, ୮ ହଜାର ୪୦୩ ଜଣ ଶିଶୁ ଓ ନାବାଳିକା ବଳାତ୍କାର ଓ ହତ୍ୟାର ଶିକାର ହୋଇଛନ୍ତି। ମହିଳା ସୁରକ୍ଷା ନାଁରେ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ ଆଣି ଅପରାଧିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ମକର୍ତ୍ତା ଦାବି କରିଥିଲେ।



କଂଗ୍ରେସ ପକ୍ଷରୁ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଧର୍ମଗଡ଼, ୧୦।୩ (ଆକାଶ କୁମାର ଜଗତ)**

ଧର୍ମଗଡସ୍ଥିତ ସର୍ବ ପୁରାତନ ଶ୍ରୀ ବ୍ରଜମୋହନ ପଞ୍ଚଦେବ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ଶ୍ରୀ ସୂର୍ଯ୍ୟଦେବ ଓ ମାତା ଦୁର୍ଗାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଶେଷ ହୋଇଛି। ମାର୍ଚ୍ଚ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ଦେବଙ୍କ ମନ୍ଦିର ପୂଜାର କର୍ତ୍ତା ଭାବେ ସୁଭାଷିନୀ ମୁଣ୍ଡ ଓ ତ୍ରିଲୋଚନ ମୁଣ୍ଡ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସୁପ୍ରିୟା ଅଗ୍ରୱାଲ ଓ କପିଳ ଅଗ୍ରୱାଲ ମାତା ଦୁର୍ଗାଙ୍କ ମନ୍ଦିରର କର୍ତ୍ତା ଭାବେ ଦାୟିତ୍ୱ ବହନ କରିଥିଲେ। ଶ୍ରୀ ବ୍ରଜମୋହନ ପଞ୍ଚଦେବ ଓ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ମୁକ୍ତି ମଣ୍ଡପର ସଦସ୍ୟ ପଣ୍ଡିତ ଭାସ୍କର ଦାସ ଓ ସହଯୋଗୀ ପଣ୍ଡିତ ସୁବାସ ତ୍ରିପାଠୀ, ଅମିୟ ପଣ୍ଡା, ଅମର ଦାସ ଓ କାହ୍ନୁ ଚରଣ ପତିଙ୍କ ଦ୍ୱାରା ଏହି କାର୍ଯ୍ୟ ସମାପନ ହୋଇଥିଲା। ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ପରେ ଠାକୁର ସିଂହାସନ ବିଜେ ହୋଇଛନ୍ତି। ଏ ନେଇ ବ୍ରଜମୋହନ ପଞ୍ଚଦେବ ଓ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସଭାପତି ଉପଜିଲାପାଳ ଧିମାନ ଚକମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ସମ୍ପାଦକ ନିରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, ଶୁକଲାଲ ଅଗ୍ରୱାଲ, ଧରଣୀଧର ଧଙ୍ଗଡା ମାଝୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ସୂଚାରୁରୂପେ ଶେଷ ହୋଇଛି।

# ବେଦାନ୍ତ ସହଯୋଗରେ ଚମକିଲେ ପାରା ଜୁଡୋ ଆଥ୍‌ଲେଟ

**ଲାଞ୍ଜିଗଡ଼, ୧୦।୩ (ରମେଶ ଚନ୍ଦ୍ର ନାୟକ)**

**ଜାତୀୟ ପାରା ଜୁଡୋ ଚାମ୍ପିୟନଶିପ**

ବେଦାନ୍ତ ଆଲୁମିନିୟମ ଦ୍ୱାରା ସମସ୍ତ ପ୍ରକାର ସହଯୋଗ ପାଇଥିବା କଳାହାଣ୍ଡି ଜିଲାର ପାରା ଜୁଡ଼ୋ ଆଥ୍‌ଲେଟ ମୋହନ ସାହୁ ରାଜ୍ୟର ପ୍ରତିନିଧିତ୍ୱ କରି ତ୍ରୟୋଦଶ ଜାତୀୟ ପାରା ଜୁଡ଼ୋ ଚାମ୍ପିୟନଶିପ ୨୦୨୫ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ମୋହନ ଜୁନିୟର (୨୨ କେଜି) ଏବଂ ସିନିୟର (୬୪ କେଜି)ବର୍ଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେ ବର୍ତ୍ତମାନ ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଏସୀୟ ପାରା ଜୁଡୋ ଚାମ୍ପିୟନଶିପ ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହେଉଛନ୍ତି। ନିଜ ପ୍ରତିକ୍ରିୟାରେ ମୋହନ କହିଛନ୍ତି, ବେଦାନ୍ତ ଆଲୁମିନିୟମର ସମର୍ଥନ ମୋତେ ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଆତ୍ମବିଶ୍ୱାସ ଦେଇଛି। ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ସମର୍ପଣ ଭାବ ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଆମେ ଜୀବନକୁ ପ୍ରେରଣା ଓ ପରିବର୍ତ୍ତନ କରିବା ପାଇଁ କ୍ରୀଡ଼ାକୁ ବିଶ୍ୱାସ କରୁ। ମୋହନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନୂତନ ଆହ୍ୱାନର ମୁକାବିଲା କରୁଥିବାରୁ ତାଙ୍କ ସହିତ ଛିଡ଼ା ହୋଇ ଆମେ ଗର୍ବିତ। ଉଲ୍ଲେଖନୀୟ ନିକଟରେ ଲକ୍ଷ୍ନୌରେ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ମୋହନଙ୍କ ଅଂଶଗ୍ରହଣ ପାଇଁ କମ୍ପାନୀ ତାଙ୍କୁ ସମସ୍ତ ପ୍ରକାର ଉପକରଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲା। ତାଙ୍କର ଆବଶ୍ୟକ ସମ୍ବଳ ସହିତ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବେଦାନ୍ତ ଆଲୁମିନିୟମ ପୂର୍ବରୁ ରାୟଗଡା ଜିଲାର ଦୁଇ ଜଣ କବାଡି ଖେଳାଳିଙ୍କୁ ସମର୍ଥନ କରିଥିଲା। ସେମାନେ ନେପାଳରେ ଅନୁଷ୍ଠିତ ଆନ୍ତର୍ଜାତୀୟ କବାଡି ଟୁର୍ନାମେଣ୍ଟରେ ଭାରତର ପ୍ରତିନିଧିତ୍ୱ କରିଥିଲେ।

## ସରକାରୀ ଆଇନଜୀବୀଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ପବ୍ଲିକ ପ୍ରସିକ୍ୟୁଟରଙ୍କ ଆହ୍ୱାନ କ୍ରମେ ସରକାରୀ ଆଇନଜୀବୀ (ନନ୍ କ୍ୟାଡର)ଙ୍କୁ ନେଇ ରବିବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଭାରତୀୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ସାକ୍ଷ ଅଧିନିୟମ ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ପ୍ରସିକ୍ୟୁଟର ନିର୍ଦ୍ଦେଶନୀ ରଥଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ସରକାରୀ ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ଦିବ୍ୟ ରଞ୍ଜନ ବହିଦାର, ଶୁଭ୍ରାଂଶୁ ସାହୁ, ଧୀରେନ୍ଦ୍ର ନାଥ ପାତ୍ର, ରାଜ କୁମାର ଆଚାର୍ଯ୍ୟ, ବଟକୃଷ୍ଣ ଆଚାର୍ଯ୍ୟ, ଲୋକନାଥ ନାୟକ, ଦିଗମ୍ବର ନାଏକ, ଅଶୋକ କୁମାର ନାୟକ, ଲକ୍ଷ୍ମୀ ପାତ୍ର, ରାଜେନ୍ଦ୍ର ମୁନି, ଅଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ।

## କଳାହାଣ୍ଡି, ନୂଆପଡ଼ା ଜିଲାରେ ରେଳ ବିକାଶ ଦାବି

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

**ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ରେଳଯାତ୍ରୀ ସଂଘ ସଭାପତି**

ଅବିଭକ୍ତ କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ବିଭିନ୍ନ ରେଳ ସମସ୍ୟା ରହିଥିବାବେଳେ ନିର୍ବାଚିତ ଜନ ପ୍ରତିନିଧି ଓ ସରକାରଙ୍କ ଉଦ୍ୟମ କ୍ରମେ ବ୍ୟବସ୍ଥାରେ କିଛିଟା ସୁଧାର ଆସିଛି। ତଥାପି ଉଭୟ ଜିଲାରେ ଅନେକ ରେଳ ସମସ୍ୟା ରହିଛି। ଏହାର ସମାଧାନ ପାଇଁ କଳାହାଣ୍ଡି ରେଳଯାତ୍ରୀ ସଂଘ ସଭାପତି ତଥା କବି, ଲେଖକ ଓ ସଂଗଠକ ଡ. ଭବାନୀ ଶଙ୍କର ନିଆଲଙ୍କ ନେତୃତ୍ୱରେ ଦାବି କରାଯାଇ ଆସୁଛି। ଏପରି କି କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ବରଗଡ଼ ଲୋକ ସଭା ସାଂସଦ ପ୍ରଦୀପ ପୁରୋହିତ ଓ ରାଜ୍ୟ ସଭା ସାଂସଦ ସୁଜିତ କୁମାରଙ୍କ ଜରିଆରେ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଡ. ନିଆଲ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଓଡିଶାର ଗୁରୁତ୍ୱପୂର୍ଣ୍ଣ ଦୁଇଟି ଜିଲାରେ ରେଳ ବିକାଶ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ନର୍ଲାରେ ଇଲେକ୍ଟ୍ରିକ ଲୋକୋମୋଟିଭ ପ୍ରକଳ୍ପ ସ୍ଥାପନରେ ଅଗ୍ରଗତି, ଜୁନାଗଡ଼ ରୋଡ଼-ଧର୍ମଗଡ଼-ନବରଙ୍ଗପୁର ରେଳଲାଇନ, କଣ୍ଟାବାଞ୍ଜି-ଖରିଆର-ସିନାପାଲି-ଗୋଲାମୁଣ୍ଡା-ଧର୍ମଗଡ଼, ଲାଞ୍ଜିଗଡ଼ ରୋଡ଼-ଫୁଲବାଣୀ, କେସିଙ୍ଗା-ଉତ୍କେଲା-ଭବାନୀପାଟଣା ରେଳ ଲାଇନ, ରାୟପୁର-ରାଜିମ-ଦେଭୋଗ- ଧର୍ମଗଡ଼, କେସିଙ୍ଗା, ଜୁନାଗଡ଼ ରୋଡ଼ ପର୍ଯ୍ୟନ୍ତ ଇସ୍ପାତ ଏକ୍ସପ୍ରେସ ଟ୍ରେନ ସମ୍ପ୍ରସାରଣ, ନୂଆପଡ଼ା ରୋଡ଼, ରୁପ୍ରାରୋଡ଼, ନର୍ଲାରୋଡ଼, ଲାଞ୍ଜିଗଡ ରୋଡ଼ଠାରେ ଦୂରଗାମୀ ଟ୍ରେନ ରହଣି ଅନ୍ୟତମ। ତେବେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଆଦିବାସୀ ଅଧ୍ୟୁଷିତ କେବିକେ ତଥା ଆକାଂକ୍ଷୀ ଜିଲା ଭାବେ ପରିଚିତ ଏହି ଦୁଇଟି ଜିଲା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**କୋକସରା, ୧୦।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କୋକସରା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା, ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମା, ଜିଲା ପରିଷଦ କାର୍ଯ୍ୟାଳୟ ଅଧିକାରୀ ସିଡିଓ ଦୟାମୟ ପାଢ଼ୀ, କୋକସରା ତହସିଲଦାର କ୍ଷୀରୋଧ ନାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ବ୍ଲକର ୨୨ ପଞ୍ଚାୟତରୁ ୫୪ ଜଣ ହିତାଧିକାରୀ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣିବା ସହ ଉପସ୍ଥିତ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଚେତନ ନାଗରିକ ମଞ୍ଚ ପକ୍ଷରୁ କୋକସରାଠାରେ ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା, କୋକସରା ମିନି ଷ୍ଟାଡିୟମ ପାଇଁ ଜମି ଆବଣ୍ଟନ, ପ୍ରସ୍ତାବିତ ଆଦର୍ଶ ଶ୍ମଶାନ ନିର୍ମାଣରେ ଜମି ଆବଣ୍ଟନ ତୁରନ୍ତ ଫଇସଲା ପାଇଁ ଦାବି କରାଯାଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ଠିକାସଂସ୍ଥା ରାସ୍ତା କଡ଼ରେ କାର୍ଯ୍ୟ ପରେ ମରାମତି ନ କରିବା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହେଉଥିବା ଭଳି ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଅଜୟ ସେନାପତିଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତୁଣ୍ଡଲା, ୧୦।୩ (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ବାଦିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିକ୍ରମ ଦେବ ସାହୁଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ପ୍ରମୋଦ କୁମାର ଦାଶ ମୁଖ୍ୟ ଅତିଥି, ହର୍ଷବର୍ଦ୍ଧନ ଭୋଇ ମୁଖ୍ୟବକ୍ତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣି ସାହୁ ବିଶେଷ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ସାହୁ, ସୁଶୀଲ ସାହୁ ୱାର୍ଡ ସଭ୍ୟ ରୁନୁ ସାହୁ ଏସ୍ଏମ୍‌ସି ଚେୟାରମ୍ୟାନ ଜଗୁରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ସହ ଶିକ୍ଷୟିତ୍ରୀ ରେକ୍ସନା ମହନ୍ତ। ସହ ଶିକ୍ଷକ ଗୁଲୁ ମାଝୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଣ୍ଡିଆଣୀ ଦେବୀଙ୍କ ମନ୍ଦିର ରତ୍ନମୁଦ ଉତ୍ସବ

**କୋକସରା, ୧୦।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତର ମା’ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣି ଦେବୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ସକାଳୁ ଗ୍ରାମ ଦେବୀଙ୍କ ପୂଜକ ମନଧର ପୂଜାରି ଓ ଗଣନାଥ ପୂଜାରିଙ୍କ ପୂଜାର୍ଚ୍ଚନା ପରେ ଅଠରନଲା ନିକଟସ୍ଥ ଜଙ୍ଗଲରୁ ସାହାଡ଼ ଗଛକୁ ପୂଜାର୍ଚ୍ଚନା ପରେ ଏହାର ଡାଳକୁ ଏକ ଶୋଭାଯାତ୍ରାରେ ଗ୍ରାମବାସୀ ନେଇ ମୁଖ୍ୟ ମନ୍ଦିରରେ ସ୍ଥାପନ କରିଥିଲେ। ପରେ ପଣ୍ଡିତ ଫକୀର ମିଶ୍ର ପୂଜାର୍ଚ୍ଚନା କରିବା ପରେ ମନ୍ଦିର ରତ୍ନମୁଦ ଉତ୍ସ ଆରମ୍ଭ ହୋଇଥିଲା। ପୂଜାକର୍ତ୍ତା ଭାବେ ରୋମାଞ୍ଚଳ ପୂଜାରୀ ଓ ଧର୍ମପତ୍ନୀ ମଣି ପୂଜାରୀ ପୂଜାବିଧି ତୁଲାଇଥିଲେ। ଶ୍ରଦ୍ଧାଳୁମାନେ ମନ୍ଦିର ଉପରେ ଚଢ଼ି ରତ୍ନ ଗର୍ଭରେ ଧାନ, ଚାଉଳ ସହ ବିଭିନ୍ନ ଶସ୍ୟ, ମୁଦ୍ରା ଓ ଧାତୁ ପକାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ମନ୍ଦିର କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସମାଜସେବୀ ମଣ୍ଟୁ ଅଗ୍ରୱାଲ, ଧର୍ମଗଡ ବ୍ଲକ ପୂର୍ବତନ ଅଧ୍ୟକ୍ଷ ବଳରାମ ପୂଜାରୀ, ବେହେରା ସମବାୟ ସମିତି ଅଧ୍ୟକ୍ଷ ଭବେଶ ଗଇନ୍ତା, ମହାରଣା ସୁଶାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପୂର୍ବତନ କୁଳପତି ସ୍ୱର୍ଗତ କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥିଙ୍କ କଳ୍ପଲୋକରୁ ସୃଷ୍ଟି ହୋଇଥିବା ପ୍ରେରଣାଦାୟୀ ବକ୍ତୃତାମାଳା ୨୦୦ ଅଧ୍ୟାୟରେ ପହଞ୍ଚିଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ ଏହାକୁ ଏକ ସ୍ୱତନ୍ତ୍ର ଅଧ୍ୟାୟ ଭାବେ କେବଳ ନାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ କଳାହାଣ୍ଡିର ବିଶିଷ୍ଟ ଗାଳ୍ପିକା ଦେବହୁତି କର ବକ୍ତା ରୂପେ ଯୋଗଦାନ କରି ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ନାରୀର ରୂପ ଓ ଗୁଣର ବର୍ଣ୍ଣନା କରିଥିଲେ। କିଭଳି ପୁରୁଷକେନ୍ଦ୍ରିକ ସମାଜରେ ନାରୀ ନିଜକୁ ରୂପାନ୍ତରଣ କରୁଛି ତାହା ବୁଝାଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଆଜି ଓ କାଲିର ନାରୀର ସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏହାକୁ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆବାହକ ମେଜର ଡ. ଜୟଦେବ ସାହୁ, ବକ୍ତା ଦେବହୁତି କର, ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ଡ. ପ୍ରତ୍ୟାଶା ଧଳ, ଲିପ୍ସା ମହାରଣା, ସଞ୍ଜୀବ କୁମାର ସାହୁ, ବିଶିଷ୍ଟ ଖବରଦାତା ତଥା ଗବେଷକ ଉମାଶଙ୍କର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବକ୍ତୃତାମାଳାରେ ଯୋଗଦେଇଥିବା ଅତିଥିଗଣ।

# ଅଡିଶନକୁ ବର୍ଷେ ପରେ ବି କାର୍ଯ୍ୟକ୍ରମ ନ ମିଳିବା ନେଇ କ୍ଷୋଭ

**ଆକାଶବାଣୀ, ଦୂରଦର୍ଶନ କଳାକାରଙ୍କ ସାଧାରଣ ସଭା**

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲାଜୀ ବିହାର ପରିସରରେ ଆକାଶବାଣୀ ଓ ଦୂରଦର୍ଶନ କଳାକାର ସଂଘ ପକ୍ଷରୁ କଳାହାଣ୍ଡି ଓ ନୂଆପଡ଼ା ଜିଲାର କଳାକାରଙ୍କୁ ନେଇ ପ୍ରଥମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶାନ୍ତନୁ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁଗମ ସଂଗୀତ, ଲୋକ ସଂଗୀତ, ବାଦ୍ୟଯନ୍ତ୍ର, ସଂକୀର୍ତ୍ତନ, ଖଞ୍ଜଣି, ନାଟକ ଆଦିର କଳାକାର ଯୋଗଦେଇଥିଲେ। ଆକାଶବାଣୀ ଭବାନୀପାଟଣା କେନ୍ଦ୍ରରେ କଳାକାରଙ୍କ ଅଡିଶନ ସରି ବର୍ଷେ ବିତିଯାଇଥିଲେ ହେଁ କୌଣସି କଳାକାରଙ୍କୁ ଗୋଟିଏ ମଧ୍ୟ କାର୍ଯ୍ୟକ୍ରମ ଦିଆଯାଇନାହିଁ। ଏହାକୁ ନେଇ କଳାକାରମାନେ କ୍ଷୋଭ ପ୍ରକାଶ କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବହୁ କାର୍ଯ୍ୟକ୍ରମ ନିଷ୍ପାଦକ ପଦବୀ ଖାଲି ପଡ଼ିଥିବାବେଳେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ର ସତେ ଯେମିତି ପଙ୍ଗୁ ପାଲଟିଯାଇଛି। ଯଦି କାର୍ଯ୍ୟକ୍ରମ କରାଯାଉନାହିଁ ତା’ହେଲେ ଅଡିଶନ କରାଗଲା କାହିଁକି ବୋଲି କଳାକାରମାନେ ମତ ପ୍ରକାଶ କରିଥିଲେ। ଏହି ଦାବି ଉପସ୍ଥାପନା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ବରିଷ୍ଠ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ମହାପାତ୍ର, ସଙ୍ଗଠକ ତଥା କଳାକାର ହରେକୃଷ୍ଣ ଭୋଇ, ବରିଷ୍ଠ କଳାକାର ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଭାସ ଚନ୍ଦ୍ର ମିଶ୍ର, ଗୁରୁ ଭୀମସେନ ସାହୁ, ବରିଷ୍ଠ କଳାକାର ସୁଶୀଲ କୁମାର ପଣ୍ଡା, ସଂଘ ସମ୍ପାଦକ ହୃଷୀକେଶ ସାହୁ, ବରିଷ୍ଠ ନାଟ୍ୟ କଳାକାର ଶୁଭେନ୍ଦୁ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ରଜନୀକାନ୍ତ ମୁନି, ଆକାଶବାଣୀ କମ୍ପୋଜର କରୁଣାକର ଦାସ, ବରିଷ୍ଠ ସଙ୍ଗୀତ ଶିଳ୍ପୀ ଜୟରାମ ସାହୁ, ବରିଷ୍ଠ କଣ୍ଠ ଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଓ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରମୁଖ କଳାକାର ଉପସ୍ଥିତ ଥିଲେ।




ସାଧାରଣ ସଭାରେ ଉପସ୍ଥିତ ସଂଘ କାର୍ଯ୍ୟକର୍ତ୍ତା।

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

**ଡୁଙ୍ଗୁରିପାଲି, (ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଜଗବନ୍ଧ ଗ୍ରାମପଞ୍ଚାୟତ ପରିସରରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡୁଙ୍ଗୁରିପାଲି ବିଡିଓ ଦିଲୀପ କୁମାର ବାଡା ଯୋଗଦେଇ ଅଭିଯୋଗ ଶୁଣିଥିଲେ । ମୋଟ ୫୦ଟି ଦରଖାସ୍ତ ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା । ସେଥି ମଧ୍ୟରୁ ୪୭ଟି ବ୍ୟକ୍ତିଗତ, ୩ଟି ସାମୂହିକ ଥିଲା । ଏଇ ବିଜୟଲକ୍ଷ୍ମୀ ହେମ୍ବ୍ରମ, ଗ୍ରାମ୍ୟଜଳ ଯୋଗାଣ ଯନ୍ତ୍ରୀ ହିମାଦ୍ରୀ ପଧାନ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ପାଣି ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଜବତ

**ବଘିଆପଡା,୧୦।୩(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଆଇଟିଆଇ ନିକଟରେ ସୋମବାର ଜଣେ ରାଜମିସ୍ତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି । ମୃତକ ହେଲେ ନୂଆପାଲି ଗ୍ରାମର ରାଜମିସ୍ତ୍ରୀ ସୁମନ୍ତ ରଣବିଡା । ସେ ସକାଳ ୯ଟା ସମୟରେ କାମ କରିବାକୁ ଯାଉଛି କହି ଘରୁ ଯାଇଥିଲେ । କିଛି ସମୟରେ ପରେ ଆଇଟିଆଇ ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ବୌଦ୍ଧ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ବଘିଆପଡା,୧୦।୩(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ବଘିଆପଡା ପାଣ୍ଡିଧୀନ ମୁଣ୍ଡାପଡା ପଞ୍ଚାୟତ ଖମାରୀପଡା ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଈଶ୍ୱର ଯୋଶୀ । ବୌଦ୍ଧ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଈଶ୍ୱରଙ୍କ ଘରର ଏକ ଲୁହା କବାଟରେ କୌଣସି କାରଣରୁ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା । ପୂର୍ବାହ୍ନ ୧୦ଟାରେ ଈଶ୍ୱର ଉକ୍ତ ଲୁହା କବାଟ ବନ୍ଦ କରିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ହାଇୱା ଧକ୍କାରେ ବୃଦ୍ଧ ମୃତ

**ବିନିକା, ୧୦।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ସଂଘିଯୁବା କଲେଜ ନିକଟରେ ସୋମବାର ସକାଳ ୯ଟାରେ ହାଇୱା ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ମୃତକ ସଂଘିଯୁବା ଗ୍ରାମର ଟଙ୍କଧର ସାହୁ । ରାମପୁର ପଟରୁ ଟଙ୍କଧର ସାଇକେଲରେ ଆସୁଥିବା ସମୟରେ ପଛପଟୁ ଆସୁଥିବା ହାଇୱା (ଓଡି-୧୫-ଜେଡ-୪୫୮୧) ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପୋଲିସ ହାଇୱାକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି । ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ।

### ବାଲି ବୋଝେଇ ହାଇୱା ଜବତ

**ହରଭଙ୍ଗା,୧୦।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ପୁରୁଣାକଟକ ପୋଲିସ ସୋମବାର ଏକ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିଛି । ଏକ ବେସରକାରୀ ଠିକା ସଂସ୍ଥାର ଏକ ହାଇୱା ବାଲି ବୋଝେଇ କରି ଯାଉଥିଲା । ଏହି ସମୟରେ ଥାନା ନିକଟରେ ପୋଲିସ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ଗାଡିରେ ଚୋରା ବାଲି ଚାଲାଣ ହେଉଥିବା ଜଣାପଡିଥିଲା । ପୋଲିସ ଉକ୍ତ ଗାଡିକୁ ଜବତ କରି ଏକ ମାମଲା ରୁଜୁ କରିଛି ।

# ରାଜ୍ୟରେ ବଢ଼ିଛି ମହିଳା ହିଂସା



ଜିଲାପାଳ ଅଫିସ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭାରେ କଂଗ୍ରେସ ନେତା ଓ କର୍ମୀ ।

## କଂଗ୍ରେସର ଧାରଣା, ପ୍ରତିବାଦ ସଭା

**ସୋନପୁର,୧୦।୩(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟରେ ମହିଳା ହିଂସା ବଢ଼ିଛି । ସରକାର ଏକ୍ଷେତ୍ରରେ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି । ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସହରର ପଟାଭାଡି ଛକରୁ ନେତା ଓ କର୍ମୀମାନେ ଏକ ରାଲିରେ ବାହାରି ସୋମବାର ସହର ପରିକ୍ରମା କରିଥିଲେ । ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ହୋଇଥିଲେ । ଦଳୀୟ ନେତାମାନେ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ହିଂସା ନେଇ ସରକାରଙ୍କ ବିରୋଧରେ ଗର୍ଜିଥିଲେ ।

ନୂତନ ସରକାର ଆସିବା ପରେ ମାତ୍ର ୮ ମାସ ମଧ୍ୟରେ ରାଜ୍ୟରେ ମହିଳା, ଆଦିବାସୀ, ଦଳିତ ଓ ପଛୁଆ ବର୍ଗର ଲୋକଙ୍କ ଉପରେ ଅତ୍ୟାଚାର ବଢିଥିବା କଂଗ୍ରେସ ଅଭିଯୋଗ କରିଛି । ଏହି ସମୟ ମଧ୍ୟରେ ଶତାଧିକ ମହିଳା ହତ୍ୟା, ବଳାତ୍କାର ଓ ଅସଦାଚରଣର ଶିକାର ହୋଇଛନ୍ତି । ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ୩୬, ୪୨୦ ମହିଳା ଓ ୮,୪୦୩ ଶିଶୁ ନିଖୋଜ ଅଛନ୍ତି । ସେହିଭଳି ୪୨୧ ମହିଳାଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରା ଯାଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି । ରାଜ୍ୟରେ ନବୀନ ସରକାରଙ୍କ ୨୪ବର୍ଷର କୁଶାସନ ଯାଇଛି, ବର୍ତ୍ତମାନର ଭାଜପା ସରକାରରେ ମଧ୍ୟ ମହିଳା ଅସୁରକ୍ଷିତ । ପ୍ରଧାନମନ୍ତ୍ରୀଙ୍କ ବେଟି ବଚାଓ, ବେଟି ପଢାଓ ନାରା ଓଡିଶାରେ କେବଳ ଏକ ସ୍ଲୋଗାନରେ ସୀମିତ ରହିଛି ବୋଲି କଂଗ୍ରେସ କହିଛି । ତେଣୁ ରାଜ୍ୟପାଳ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜ୍ୟର ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି । ଏନେଇ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝି ସ୍ମାରକପତ୍ର ଗ୍ରହଣ କରିଛନ୍ତି । ଆୟୋଜିତ ଧାରଣା ଓ ପ୍ରତିବାଦ ସଭାରେ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକଭାବେ ଗଣେଷ କୁମାର ସାହୁ ଯୋଗ ଦେଇଥିଲେ । ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଗୌରିଶ୍ୟାମ ପଣ୍ଡା, ପ୍ରିୟବ୍ରତ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର କୁମାର ପଣ୍ଡା, ରବିନ୍ଦ୍ର ହୋତା, ମାଧବ କୁମ୍ଭାର, ରାଜେନ୍ଦ୍ର ଝାଙ୍କର, ଚିତ୍ତରଞ୍ଜନ ମିଶ୍ର, ରଞ୍ଜିତ ରାଏ, ଭବାନୀ ଦୀପ, ବୀରେନ୍ଦ୍ର ଜୁଆଡି, କର୍ଣ୍ଣରାଜ ପଧାନ, ସଂଗ୍ରାମ କେଶରୀ ନାୟକ, ନରେନ୍ଦ୍ର ସାହୁ, ଶ୍ରୀନିବାସ ଖମାରୀ, ପ୍ରମୋଦ ଗୁରୁ, ଜିତ କୁମ୍ଭାର, ରାଜେଶ ମିଶ୍ର ଓ ଦୟାନିଧି ସାହୁ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ସୁରକ୍ଷା ଦାବିରେ କଂଗ୍ରେସର ବିକ୍ଷୋଭ




କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବୌଦ୍ଧ,୧୦।୩(ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ନାରୀ ନିର୍ଯାତନା ମାମଲା ବଢିଚାଲିଥିବା ବେଳେ ମହିଳାମାନଙ୍କ ସୁରକ୍ଷା ଦାବିରେ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ବିକ୍ଷୋଭରେ ସାମିଲ ହେବା ସହିତ ୮ ମାସର ସରକାରରେ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢିଥିବା ନେଇ ଅଭିଯୋଗ କରିଥିଲେ । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ପରେ ଜିଲା ସଂଗ୍ରହାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା । ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମିଶ୍ର କହିଥିଲେ, ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ବଳାତ୍କାର ଘଟଣା ରାଜ୍ୟବାସୀଙ୍କ ଭିତରେ ଆଲୋଡନ ସୃଷ୍ଟି କରିଛି । ବୌଦ୍ଧ ଜିଲାରେ ୭୨ଟି ମହିଳା ନିର୍ଯାତନା ମାମଲା ହୋଇଥିବାବେଳେ ମହିଳା କମିଶନଙ୍କ ନିକଟରେ ୧୨ଟି ଅଭିଯୋଗ କରାଯାଇଛି । ଏଥିସହ ଆହୁରି ୨୦ରୁ ୨୫ଟି ଅଭିଯୋଗ ପଞ୍ଜୀକରଣ କରାଯାଇ ନ ଥିବା ମିଶ୍ର ଅଭିଯୋଗ କରିଥିଲେ । ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାନ୍ତି ଯୋଗଦେଇ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ନାରାୟଣ ପ୍ରସାଦ ପରିଜା, ବରିଷ୍ଠ ନେତା ସୁଧୀର କୁମାର କର୍ଣ୍ଣ ପ୍ରମୁଖ ବର୍ତ୍ତମାନ ସରକାରରେ ନାରୀ ନିର୍ଯାତନା ବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ବିକ୍ଷୋଭ ସମାବେଶରେ କଂଗ୍ରେସର ଜିଲା ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ସମରେଶ ମିଶ୍ର, ଅର୍ଜୁନ ମହାନନ୍ଦିଆ, ବେଣୁଧର ମେହେର, କେଶବ କ୍ଷେତି, ପୋଲସ୍ତି ପ୍ରଧାନ, ପଙ୍କଜ କର୍ଣ୍ଣ, ବୁଦ୍ଧଦେବ ପ୍ରଧାନ, ମହମ୍ମଦ ଗୁଲଜାର, ଉଦୟନାଥ ଶର୍ମା, ସମରେନ୍ଦ୍ର ମହାକୁଲ, ରୋହିତାଶ୍ୱ ବେହେରା ଓ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସନ୍ଧ୍ୟାରାଣୀ ସିଂହଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

### ଟଙ୍କା ହଡ଼ପ ଅଭିଯୋଗ, ଶିକ୍ଷକ ନିଲମ୍ବିତ

**ବୌଦ୍ଧ,୧୦।୩ (ଅଜିତ କୁମାର ବାରିକ)**

ମିଥ୍ୟା ଏରିଅର ବିଲ୍ କରି ଅର୍ଥ ହଡପ ଅଭିଯୋଗରେ ବୌଦ୍ଧ ଜିଲା ଶିକ୍ଷାଧିକାରୀ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି । ସେ ହେଲେ ବିଜ୍ଞାନ ଶିକ୍ଷକ ବିଜୟ କୁମାର ପ୍ରଧାନ । ମିଳିଥିବା ସୂଚନା ମୁତାବକ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ କିରାଣୀ ପଦବୀ ଖାଲିଥିବାବେଳେ ବିଜ୍ଞାନ ଶିକ୍ଷକ ପ୍ରଧାନ ୨୦୨୦-୨୧ରୁ ଶିକ୍ଷାଦାନ ସହିତ କିରାଣି କାର୍ଯ୍ୟ ତୁଲାଇ ଆସୁଥିଲେ । କର୍ମଚାରୀମାନଙ୍କ ଦରମା ଓ ଏରିଅର ବିଲ୍ କରିବା ପାଇଁ ଶିକ୍ଷକ ପ୍ରଧାନଙ୍କ ନିକଟରେ ବିଦ୍ୟାଳୟର ୟୁଜର ଆଇଡି ଓ ପାଶ୍ୱାର୍ଡ ସହିତ ସମସ୍ତ ତଥ୍ୟ ରହିଥିଲା । ଏହାର ସୁଯୋଗ ନେଇ ସେ ବିଦ୍ୟାଳୟ କର୍ମଚାରୀମାନଙ୍କ ଏରିଅର ବିଲ୍ କରିବା ସମୟରେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କର୍ମଚାରୀଙ୍କ ବଦଳରେ ନିଜ ଆକାଉଣ୍ଟରେ ଡିପୋଜିଟ୍ ହଡପ କରିଥିଲେ । ଏହା ଜଣାପଡିବା ପରେ ସ୍କୁଲର ପ୍ରଧାନ ଶିକ୍ଷକ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ । ତଦନ୍ତରେ ସତ ଜଣାପଡିବା ପରେ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ବିଜ୍ଞାନ ଶିକ୍ଷକ ପ୍ରଧାନଙ୍କୁ ନିଲମ୍ବିତ କରିଥିବା ଜଣାଯାଇଛି । ଏ ନେଇ ଜିଲା ଶିକ୍ଷାଧିକାରୀ ଦୁବେଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଥିବା ପ୍ରକାଶ କରିଥିଲେ ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ଟିକିରାପଡ଼ାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସରେ ଚତୁର୍ଦ୍ଧା ବିଗ୍ରହ ।

**ଅମରପାଲି,୧୦।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଟିକିରାପଡାରେ ଦୀର୍ଘ ନଅଦିନ ଧରି ଚାଲିଥିବା ନବନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ସମାପନ ହୋଇଛି । ଗତ ୨ ତାରିଖରେ ଏକୋଇଶ ଶହ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରାରେ ପୂର୍ଣ୍ଣ ଜଳ କଳସ ମହାନଦୀରୁ ଅଣାଯାଇ ଯଜ୍ଞମଣ୍ଡପ ଓ ନାମମଣ୍ଡପରେ ସ୍ଥାପନ ପରେ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଥିଲା । ୩ ତାରିଖ ସକାଳରୁ ଛପନ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ନାମମଣ୍ଡପରେ ରମାକାନ୍ତ ମେହେର ସପତ୍ନିକ, ଯଜ୍ଞମଣ୍ଡପରେ ହରି ମେହେର ସପତ୍ନିକ ଓ ପାରାୟଣରେ ସନ୍ୟାସୀ ମେହେର ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ସପ୍ତମ ଦିବସରେ ମନ୍ଦିର ଚୁଳରେ କୁମ୍ଭ କଳସ, ପାର୍ଶ୍ୱରେ ପାର୍ଶ୍ୱ ଦେବଦେବୀ ସ୍ଥାପନ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ପ୍ରବେଶ କରିଥିଲେ । ସେଦିନ ଗ୍ରାମର ଝିଅବୋହୂମାନେ ଏକ ଶୋଭାଯାତ୍ରାରେ ଭୋଗଥାଳମାନ ନେଇ ପ୍ରଭୁଙ୍କୁ ଅର୍ପଣ କରିଥିଲେ । ମନ୍ଦିରରେ ସୀତାରାମ ପାଢୀ, ନାମ ମଣ୍ଡପରେ ଆନନ୍ଦ ଷଡଙ୍ଗୀ ଓ ପାରାୟଣରେ ପ୍ରମୋଦ ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଥିଲେ । ଏହି ଅବସରରେ ସାତଦିନ ଧରି କଂସ ଦରବାର ଓ ମୀନାବଜାର ଆଦି ଅନୁଷ୍ଠିତ ହୋଇଥିଲା । ମହାରାଜ କଂସ ଭୂମିକାରେ ଗୋପାଳ ଦାଶ ଓ ସାଥୀ କଳାକାରଙ୍କ ନିଖୁଣ ଅଭିନୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମଣ୍ଡଳୀଙ୍କୁ ବାନ୍ଧି ରଖୁଥିଲା ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୧୦।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ୪୪ ଓ ୮ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । ୨ଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ୨ ଗୋଟି ରେଡକ୍ରସ ଫଣ୍ଡରୁ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର

**ହରଭଙ୍ଗା,୧୦।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ହୋଇଥିଲା । ଶିବିରରେ ସମୁଦାୟ ୬୪ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୬୦ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗ ରହିଥିଲା । ଶିବିରରେ ନୂତନ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ, ଉପଜିଲାପାଳ ପ୍ରବୀଣ କୁମାର ବାଣ୍ଡଆ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଦେଣ୍ଡୁପଦର ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବିନିକା, ୧୦।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଦେଣ୍ଡୁପଦର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସୁଦାମ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାବୁପାଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରୁଦ୍ରନାରାୟଣ ସାହୁ ଯୋଗଦେଇ ସ୍କୁଲର ନୂତନ କୋଠା ନିର୍ମାଣ କରିବା, ପାନୀୟ ଜଳର ସମସ୍ୟା ଦୂରୀକରଣ ଓ ନୂତନ ଶୌଚାଳୟ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନୀତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା, ଅଶୋକ ପଣ୍ଡା, ଶିକ୍ଷକ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ବଲ୍ଲଭ ବାଗ ଏହି ଅବସରରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ସୁଦାମ ସୁନା ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେମାନନ୍ଦ କମ୍ପ, ସଞ୍ଜୀବ କୁମାର ସାହୁ, ବାଳଗୋପାଳ ରଣା ସହଯୋଗ କରିଥିଲେ । କୁନିକୁନି ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲଶ । ସହଶିକ୍ଷକ ଗଙ୍ଗାଧର ଥାର୍ଟି ଧନ୍ୟବାଦ ଅର୍ପଣ କରିଥଲେ ।

## ଚାଷୀଙ୍କ ଟଙ୍କା ଲୁଟ୍ ଘଟଣା:ଅଭିଯୁକ୍ତ ଗିରଫ

**ତରଭା, ୧୦।୩(ମାନଭଞ୍ଜନ ମିଶ୍ର)**

ବର୍ଷକ ତଳେ ଜଣେ ଚାଷୀଙ୍କ ଟଙ୍କା ଲୁଟ୍ ଘଟଣାରେ ଅଭିଯୁକ୍ତ ଡି. ରାହୁଲ(୧୮)ଙ୍କୁ ଗିରଫ କରିଛି ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ । ଅଭିଯୁକ୍ତଙ୍କଠାରୁ ଲୁଟ୍ ଟଙ୍କା ମଧ୍ୟରୁ ୪୦ହଜାର ଟଙ୍କା ଜବତ ହୋଇଛି । ସୋମବାର ଏକ ଖବରଦାତା ସମ୍ମିଳନୀ କରି ପୋଲିସ ଏହି ସୂଚନା ଦେଇଛି । ୨୦୨୪ ଜାନୁଆରୀ ୨୫ତାରିଖରେ ତରଭା-ଚାରଭଟା ରାସ୍ତାର ବେଳମୁଣ୍ଡା ଓ ସରଗଜ ରାସ୍ତାର ମଝିରେ ବାଇକ ଅଟକାଇ ସରଗଜ ଗ୍ରାମର ପ୍ରମୋଦ କୁମାର ଦାଶଙ୍କ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା । ଟଙ୍କା ଏକ ବ୍ୟାଗରେ ଭର୍ତ୍ତିକରି ଅପରାହ୍ନ ୪ଟାବେଳେ ଜଣକଙ୍କ ବାଇକରେ ଲିଫ୍ଟରେ ତରଭାରୁ ସରଗଜ ଗଲା ସମୟରେ ପିଛା କରୁଥିବା ଦୁର୍ବୃତ୍ତ ବାଟ ଓଗାଳି ଟଙ୍କାବ୍ୟାଗ ଲୁଟି ନେଇଥିଲେ । ଏନେଇ ସେ ତରଭା ଥାନାରେ ଏତଲା ଦେଇଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତରଭା ଥାନା ଆଇଆଇସି ଅନିତା କିଡୋଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଥିଲା । ଗଞ୍ଜାମ ଜିଲା ଆସିକା ତାଟିଆପଲ୍ଲୀରୁ ଡି.ରାହୁଲଙ୍କୁ ପୋଲିସ ଗିରଫ କରିଥିଲା ।

# ବୀରମହାରାଜପୁର ହାଇସ୍କୁଲରେ ପୁରସ୍କାର ବିତାରଣ ଉତ୍ସବ

**ଅମରପାଲି,୧୦।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ଯୁବ ଓ ପରିବେଶ କ୍ଲବର ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ସଂସଦ ସଦସ୍ୟ ତଥା ଗଣପତି ଆଦର୍ଶ ଶିକ୍ଷା ନିକେତନ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ମହାକୁଡ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ଛାତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । କ୍ଲବ ଇନଚାର୍ଜ ଜ୍ୟୋତିର୍ମୟୀ ବେହେରା ସ୍ୱାଗତ ଭାଷଣ ଦେବା ସହ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀରେ ଜ୍ୟୋତିର୍ମୟୀ ମିଶ୍ର ସହଯୋଗ କରିଥିଲେ । ଶିକ୍ଷକ ବୈକୁଣ୍ଠ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

# ଭୁବନେଶ୍ୱରକୁ ଶ୍ରୀକାନ୍ତଙ୍କ ସାଇକେଲ ଯାତ୍ରା

## ସୋନପୁର କଲେଜକୁ ପୂର୍ଣ୍ଣ ସରକାରୀ ମାନ୍ୟତା ଦାବି

**ସୋନପୁର,୧୦।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର କଲେଜ ସୁବର୍ଣ୍ଣପୁର ଜିଲାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ । ୧୯୬୪ ମସିହାରେ ଏହି କଲେଜ ସ୍ଥାପିତ ହୋଇଛି । ହେଲେ ଏହି କଲେଜକୁ ନା ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିଛି ନା ସ୍ୱୟଂଶାସିତ ମାନ୍ୟତା । ସରକାର ଏହି ଶିକ୍ଷାନୁଷ୍ଠାନ ପ୍ରତି ଅଣଦେଖା କରି ଆସିଛନ୍ତି । ସୋନପୁର କଲେଜ ବାଣିଜ୍ୟ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ର ତଥା ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ଜିଲା ସହ ସଂଯୋଜକ ଶ୍ରୀକାନ୍ତ ସାହୁ ସୋମବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଖ୍ୟାତି ସମ୍ପନ୍ନ ସୋନପୁର କଲେଜକୁ ସରକାରୀ ମାନ୍ୟତା ଦେବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ସକାଶେ ସେ ଏହି ସାଇକେଲ ଯାତ୍ରା ଆରମ୍ଭ କରିଥିବା କହିଛନ୍ତି । ଶ୍ରୀକାନ୍ତ କହିଛନ୍ତି, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ସେ କଲେଜର ଦାବି ଉପସ୍ଥାପନ କରିବେ । ପ୍ରତି ଗାଁରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ତଥା ପ୍ରତି ପଞ୍ଚାୟତରେ ଉଚ୍ଚ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ସେ ମନ୍ତ୍ରୀଙ୍କୁ ଅନୁରୋଧ କରିବେ । ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ଭେଟିବେ ବୋଲି କହିଛନ୍ତି । ନବନିର୍ମାଣ କୃଷକ ସଙ୍ଗଠନର ସୁବର୍ଣ୍ଣପୁର ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ, ଶ୍ରୀକାନ୍ତଙ୍କ ଏହି ସାହସିକ ଯାତ୍ରାକୁ ପ୍ରଶଂସା କରିଛନ୍ତି ।



ଶ୍ରୀକାନ୍ତ ସାଇକେଲରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି ।

# ବହିରା ୟୁ.ପି. ସ୍କୁଲର ବାର୍ଷିକୋତ୍ସବ

**ବାଉଁଶୁଣୀ,୧୦।୩(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣ୍ଡାରାମ ସାହୁ ବାର୍ଷିକ ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ସିଆର୍‌ସିସି ତୋଷଣ ମହାକୁଲ, ମୁଖ୍ୟ ବକ୍ତା ଭାବେ ପ୍ରବକ୍ତା ଗୌରୀପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀମୋହନ ନାୟକ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ହିମାଂଶୁ ଶେଖର ବିଶି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ମନସ୍ୱିନୀ ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

**ସଂକ୍ଷେପରେ**

## ବ୍ୟବସାୟୀଙ୍କ ମୃତଦେହ ଜବତ

ରାଉରକେଲା,୧୦।୩(ସଙ୍ଗୀତା ଜେନା)

ରାଉରକେଲା ଜିଆର୍‌ପି ଥାନା ଅନ୍ତର୍ଗତ ଆଇଟିଆଇ ଲେଭଲକ୍ରସିଂ ନିକଟରେ ରବିବାର ବିଳମ୍ବିତ ରାତିରେ ଜଣେ ବ୍ୟବସାୟୀଙ୍କ ମୃତଦେହକୁ ଜବତ କରାଯାଇଛି। ମୃତକ ହେଲେ ସିଭିଲଟାଉନଶିପ୍ ଅଞ୍ଚଳର ସୁରଜିତ ସିଂ(୬୨)। ଏ ନେଇ ପୋଲିସ ଏକ ମାମଲା (ନଂ.୨୧/୨୫) ରୁଜୁ କରି ମୃତଦେହକୁ ଆର୍‌ଜିଏଚ୍ ମର୍ଗହାଉସରେ ରଖିଛି। ମଙ୍ଗଳବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ତେବେ କେଉଁ ପରିସ୍ଥିତିରେ ସୁରଜିତଙ୍କ ମୃତ୍ୟୁ ହେଲା ତାହା ସନ୍ଦେହ ଘେରରେ ରହିଛି। କିଛି ପଡୋଶୀଙ୍କ କହିବା ଅନୁସାରେ, ସୁରଜିତଙ୍କ ବ୍ୟବସାୟ ବଡ଼ବିଲ ଓ ଅନ୍ୟ ସ୍ଥାନରେ ରହିଛି। ତାଙ୍କ ଗାଡ଼ି ରଘୁନାଥପାଲୀ ଥାନା ନିକଟରେ ପାର୍କିଂ କରାଯାଇଥିଲା। ପୋଲିସ କହିବା ଅନୁସାରେ ରେଳଧାରଣାରୁ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କୁଆଡେ ସେ ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିଲେ।

# ଥମୁନି ମନୁଷ୍ୟକୃତ ଜଙ୍ଗଲ ନିଆଁ

- ହେକ୍ଟର ହେକ୍ଟର ଜଙ୍ଗଲ ଜଳିପୋଡ଼ି ପଦା
- ଅଗ୍ନି ନିରୋଧ ପାଇଁ ୨୫୦ ସ୍କ୍ୱାଡ୍
- ୩ହଜାର ବର୍ଗକିମି ଜଙ୍ଗଲ ଅଞ୍ଚଳ ପାଇଁ ମାତ୍ର ୯୨ ହୋର୍ଡିଂ

ରାଉରକେଲା,୧୦।୩(ସଙ୍ଗୀତା ଜେନା)



ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା ହୋର୍ଡିଂ ଲଗାଯାଇଛି।

ଇସ୍ପାତ ସହର ରାଉରକେଲାରେ ଜଙ୍ଗଲ ନିଆଁ ବୃଦ୍ଧି ପାଉଛି। ଏହା ଦ୍ୱାରା ପରିବେଶ ପ୍ରଦୂଷଣ ଓ ଉତ୍ତାପ ବୃଦ୍ଧି ପାଉଛି। ବୃକ୍ଷଗୁଡିକ ପତ୍ରଝଡା ପରେ ମନୁଷ୍ୟକୃତ ଜଙ୍ଗଲ ନିଆଁ ଦେଖିବାକୁ ମିଳିଛି। ଶୁଖିଲାପତ୍ରରେ ନିଆଁ ଲାଗିବା ଦ୍ୱାରା ଛୋଟ ଛୋଟ ଜୀବଜନ୍ତୁ ଓ ସରୀସୃପ ପ୍ରାଣ ହରାଉଛନ୍ତି। ସେହିପରି ଜିଲାରେ ଏବେ ମହୁଲ ଅମଳ ସମୟ ଉପନୀତ। ମହୁଲ ଗଛରୁ ମହୁଲ ଫଳ ଏବଂ ମଞ୍ଜି ସଂଗ୍ରହ ପାଇଁ ସ୍ଥାନୀୟ ଲୋକେ ଉକ୍ତ ଗଛଗୁଡ଼ିକ ନିକଟରେ ସଫାସୁତୁରା କରିବା ଉଦ୍ଦେଶ୍ୟରେ ନିଆଁ ଲଗାଇଦେଉଛନ୍ତି। ଫଳରେ ଜଙ୍ଗଲରେ ଅଗ୍ନି ବ୍ୟାପିବା ସହିତ ବ୍ୟାପକ ବୃକ୍ଷଲଟା, ଜୀବଜନ୍ତୁ ଜଳିପୋଡି ନଷ୍ଟ ହେଉଛନ୍ତି। ସେହିପରି ସ୍ଥାନୀୟ ଲୋକେ ପୋଡୁ ଚାଷ ପାଇଁ ଏପରି ନିଆଁ ଲଗାଇ ଦେଉଥିବା ଜଣାପଡିଛି। ସଚେତନତା ପାଇଁ ବ୍ୟାପକ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଫଳ ଶୂନ୍ ରହିଛି। ଅପରପକ୍ଷେ ଏପରି ଜଙ୍ଗଲ ନିଆଁ ବନ ବିଭାଗ ପାଇଁ ଚ୍ୟାଲେଞ୍ଜ୍ ଭାବେ ଉଭା ହୋଇଛି। ବ୍ୟାପକ ପଦକ୍ଷେପ ନେବା ସତ୍ତ୍ୱେ ଜଙ୍ଗଲ ନିଆଁରୁ ନିସ୍ତାର ମିଳୁ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଇସ୍ପାତ ଅଞ୍ଚଳ ସମେତ ସହରର ପ୍ରମୁଖ ଜଙ୍ଗଲ ଓ ସଂଲଗ୍ନ ବିରମିତ୍ରପୁର ଅଞ୍ଚଳରେ ଥିବା ଜଙ୍ଗଲରେ ମନୁଷ୍ୟକୃତ ନିଆଁ ଲାଗି ହେକ୍ଟର ହେକ୍ଟର ପୋଡି ଯାଇଛି। ଯାହାଦ୍ୱାରା ଅଞ୍ଚଳରେ ଏବେଠୁ ତାପମାତ୍ରା ବଢିବା ସହ ଝାଞ୍ଜି ପବନ ବହିଲାଣି।

ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲାରେ ୯୭୧୨ ବର୍ଗ କିମି ଜଙ୍ଗଲ ଅଞ୍ଚଳ ରହିଛି। ସେଥିମଧ୍ୟରୁ ରାଉରକେଲା ବନ ବିଭାଗ ଅଧୀନରେ ୨୯୯୯ ବର୍ଗ କିମି ଜଙ୍ଗଲ ଅଞ୍ଚଳ ରହିଛି। ସେଥିରେ ରାଉରକେଲା ସମେତ ବିରମିତ୍ରପୁର, ବିଶ୍ରା, ନୂଆଗାଁ ଓ ଅନ୍ୟ ପାରିପାର୍ଶ୍ୱିକ ଅଞ୍ଚଳ ଦୁର୍ଗାପୁର, ସୋନାପର୍ବତ, ଦକ୍ଷିଣ ଓ ଉତ୍ତର ଚମ୍ପାଝରଣ, ଉତ୍ତର ଓ ଦକ୍ଷିଣ ଚିରୁବେଡା, ଡୁମାଗଡ଼, ଜଟିଆ, ଛତାମାରେନ୍, ପାତିପାହାଡ, ବଙ୍ଗଲୋପାହାଡ଼, ବିରିଙ୍ଗାବୁଡ଼ି, ଜଲଡେଗା, ଝଣ୍ଡାପାହାଡ ସମେତ ୧୩୧ଟି ଛୋଟବଡ଼ ଜଙ୍ଗଲ ରହିଛି। ଜିଲା କ୍ଷେତ୍ରଫଳର ୪୧ ପ୍ରତିଶତ ଜଙ୍ଗଲ ଥିବା ସତ୍ତ୍ୱେ ବ୍ୟାପକ ଜନସଚେତନତା ଅଭାବ ଯୋଗୁ ଏପରି ଅଗ୍ନିକାଣ୍ଡ ହେଉଥିବା ଅଭିଯୋଗ ହୋଇଛି। ସେହିପରି କଡ଼ା କାନୁନ ଥିବାବେଳେ ଜଙ୍ଗଲ ନିଆଁ ଉପରେ ନିୟନ୍ତ୍ରଣ ଆସିପାରୁନାହିଁ।

ଏହି ପରିପ୍ରେକ୍ଷୀରେ ରାଉରକେଲା ବନବିଭାଗ ଡିଏଫ୍‌ଓ ଯଶୋବନ୍ତ ସେଠୀଙ୍କୁ ପଚରାଯିବାରୁ ସେ କହିଲେ, ସାଧାରଣତଃ ଗ୍ରୀଷ୍ମ ପୂର୍ବରୁ ଲୋକମାନେ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ନଦୀକୂଳ ଓ ଆଖପାଖ ଜମି ଗୁଡ଼ିକରେ ଚାଷ ପାଇଁ ଜମି ଯାଗା ସଫେଇ କରିଥାନ୍ତି। କଡ଼ା ନିୟମ ଲାଗୁ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ମଧ ନିଆଁ ଲଗାଇବା ଅଭିଯୋଗରେ ଧରାଯାଇନାହିଁ। ତେବେ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ୨୫୦ ନିଆଁ ଲିଭା ସ୍କ୍ୱାଡ୍ ଓ ସହରର କୋଣ ଅନୁକୋଣ ତଥା ଜଙ୍ଗଲ ନିକଟରେ ସଚେତନତା ବାର୍ତ୍ତା ସମ୍ପନ୍ନ ୯୨ଟି ହୋର୍ଡିଂ ପୋଷ୍ଟର ଲଗାଯାଇଛି। ସ୍ଥାନୀୟ ଗ୍ରାମଗୁଡ଼ିକରେ ୨ଶହରୁ ଊର୍ଦ୍ଧ୍ୱ ସଚେତନତା ବୈଠକ, ୧୮ ଅଗ୍ନି ନିର୍ବାପକ ଗାଡି, ୪୪ ପଥପ୍ରାନ୍ତ ନାଟକ, ଗ୍ରାମମାନଙ୍କରେ ୫୦ହଜାର ପୋଷ୍ଟର ଲଗାଯାଇଛି। ବିଭାଗ ଏଥିପ୍ରତି ସଜାଗ ରହିଛି। ସେହିପରି ବିଭିନ୍ନ ଅଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ଜଙ୍ଗଲସାଥୀଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଛି। ସମ୍ପୃକ୍ତ ଜଙ୍ଗଲସାଥୀ ନିଆଁ ଲାଗିବା ସୂଚନା ପ୍ରଦାନ କରିବେ ବୋଲି ଡିଏଫ୍‌ଓ ସେଠୀ କହିଥିଲେ।

## ନାବାଳିକା ଗଣବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ରାଉରକେଲା,୧୦।୩(ସଙ୍ଗୀତା ଜେନା)

୨୦୧୮ରେ ସଂଘଟିତ ଏକ ନାବାଳିକା ଗଣବଳାତ୍କାର ମାମଲାରେ ରାଉରକେଲା ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ସୋମବାର ଅପରାହ୍ନ ୨ଟାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୨ଲକ୍ଷ ଟଙ୍କା ଜରିମାନା ଏବଂ ଅନାଦାୟ ହେଲେ ଏକ ବର୍ଷ ଅଧିକ ଜେଲଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ବିରମିତ୍ରପୁର ଥାନା ଅଞ୍ଚଳରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା। ପ୍ରଥମ ଅଭିଯୁକ୍ତ ଛୋଟୁ ବିନଝିଆ, ଦ୍ୱିତୀୟ ଅଭିଯୁକ୍ତ ଜେଠୁ ପ୍ରଧାନ ମିଳିତ ଭାବେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ଏହି ମାମଲା ରୁଜୁ ହେବା ପରେ ରାଉରକେଲା ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ବିଚାରପତି ପି. ସୂରିୟା ରାଓଙ୍କ କୋର୍ଟରେ ବିଚାରାଧୀନ ଥିଲା। ଉକ୍ତ ମାମଲାରେ ୧୭ଜଣ ସରକାରୀ ସାକ୍ଷ୍ୟଙ୍କ ବୟାନ ଏବଂ ୧୪ଟି ଦସ୍ତାବିଜକୁ ବିଚାରକୁ ନେବା ପରେ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶଙ୍କ ଯୁକ୍ତିକୁ ଗ୍ରହଣ କରି ବିଚାରପତି ଏହି ରାୟ ଶୁଣାଇଥିଲେ। ଏହାସହିତ ୨୦୧୮ ସଂଶୋଧିତ ଆଇନ ଅନୁଯାୟୀ ରାଜ୍ୟ ସରକାର ଜିଲା ଆଇନ ସହାୟତା ଅଧିକାରୀଙ୍କ ମାଧ୍ୟମରେ ୭ଲକ୍ଷ ଟଙ୍କାର ସହାୟତା ରାଶି ପୀଡ଼ିତାଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

## ଶ୍ୟାମ ମନ୍ଦିରରେ ଫଗୁ ମହୋତ୍ସବ


ଉତ୍ସବରେ ସାମୂହିକ ମଙ୍ଗଳପାଠ କରାଯାଉଛି।

ରାଉରକେଲା,୧୦।୩(ଦିନେଶ ମିଶ୍ର)

ରାଉରକେଲା ବିର୍ସାଡାହାର ରୋଡ୍‌ସ୍ଥିତ ଶ୍ରୀବାବା ଶ୍ୟାମ ମନ୍ଦିରରେ ୪୩ ତମ ଫଗୁ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସକାଳେ ଶତାଧିକ ଶ୍ରଦ୍ଧାଳୁ ପହଞ୍ଚି ଶ୍ରୀରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ଅବିର ଓ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ଦିର ମୁଖ୍ୟ ପୂଜକ ରାଧେଶ୍ୟାମଙ୍କୁ ମଙ୍ଗଳଆଳତୀ ସାଙ୍ଗକୁ ଷୋଡ଼ଶ ଉପଚାର ପୂଜା କରିଥିଲେ। ପରେ ସାମୂହିକ ମଙ୍ଗଳପାଠ କରାଯାଇଥିଲା। ପରେ ମନ୍ଦିର କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ମନ୍ଦିର ପରିସରରୁ ବାହାରି ଟ୍ରାଫିକ ଗେଟ୍ ମାର୍କେଟ ହୋଇ ଶ୍ୟାମ ମନ୍ଦିରରେ ପହଞ୍ଚିଥିଲା। ଚକ୍ରଧରପୁରରୁ ଆସିଥିବା କଳାକାର ଅମିତ ଶର୍ମା ଓ ଶୀତଲ ଚଣ୍ଡକ ଶର୍ମାଙ୍କ ସମେତ ଶ୍ୟାମ ଜ୍ୟୋତି ପାଠକ ଭଜନ ପରିବେଷଣ କରିଥିଲେ। କମିଟିର ମୁଖ୍ୟ ଆବାହକ ରାଜେଶ ଅଗ୍ରୱାଲ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପରେ ବାବା ଶ୍ୟାମଙ୍କୁ ଛପନ ଭୋଗ ପ୍ରସାଦ ଅର୍ପଣ କରାଯାଇଥିଲା। ଏହି ତ୍ରିଦିବସୀୟ ଫାଲଗୁନ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

## ରାଷ୍ଟ୍ର ନିର୍ମାଣରେ ସିଆଇଏସ୍‌ଏଫ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

ରାଉରକେଲା,୧୦।୩(ବିପ୍ଳବ ରଞ୍ଜନ ଦାଶ)

**ସିଆଇଏସ୍‌ଏଫ୍‌ର ୫୬ତମ ସ୍ଥାପନା ଦିବସ ପାଳିତ**

ଆର୍‌ଏସ୍‌ପି ସିଆଇଏସ୍‌ଏଫ୍ ୟୁନିଟ ପକ୍ଷରୁ ଏହାର କ୍ୟାମ୍ପସରେ ସୋମବାର ୫୬ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ସିଆଇଏସଏଫ ଯବାନମାନଙ୍କ ପରେଡ ପରିଦର୍ଶନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସ୍‌ଏଫ୍‌ର ଡିଆଇଜି ରତନ କୁମାର ମଞ୍ଚାସୀନ ଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ସିଆଇଏସ୍‌ଏଫ୍ ସିନିୟର କମାଣ୍ଡାଣ୍ଟ ଏବଂ ବହୁ ଅନ୍ୟ ସିଜିଏମ୍, ଆରଏସ୍‌ପି ଏବଂ ସିଆଇଏସ୍‌ଏଫ୍ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଡିଆଇସି କହିଥିଲେ, ଦେଶର ଶିଳ୍ପ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରତିଷ୍ଠାନଗୁଡିକର ସୁରକ୍ଷା ସୁନିଶ୍ଚିତ କରି ସିଆଇଏସ୍‌ଏଫ୍ ରାଷ୍ଟ୍ର ନିର୍ମାଣରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ବିଶ୍ୱର ସର୍ବବୃହତ୍ ଶିଳ୍ପ ସୁରକ୍ଷା ବାହିନୀର ବହୁମୁଖି କାର୍ଯ୍ୟଧାରା ସମ୍ପର୍କରେ ଅବତାରଣା କରି ଡିଆଇସି କହିଥିଲେ, ଏହି ମହତ୍ୱପୂର୍ଣ୍ଣ ସୁରକ୍ଷା ବଳ ପରମାଣୁ କେନ୍ଦ୍ର, ମହାକାଶ ଗବେଷଣା କେନ୍ଦ୍ର, ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର, ପାୱାର ପ୍ଲାଣ୍ଟ, ସମ୍ବେଦନଶୀଳ ସରକାରୀ ପ୍ରତିଷ୍ଠାନ ଏବଂ ଐତିହ୍ୟ ସ୍ମାରକୀ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ସୁରକ୍ଷା ଦାୟିତ୍ୱ ସମ୍ପାଦନ କରୁଛି। ଆରଏସ୍‌ପି ସିଆଇଏସ୍‌ଏଫ୍ ୟୁନିଟ୍‌କୁ ଆରଏସପି ପରିବାରର ଏକ ଅଭିନ୍ନ ଅଙ୍ଗ ଭାବେ ବର୍ଣ୍ଣନା କରି ସେ ତାର କର୍ମୀମାନଙ୍କୁ କାନ୍ଧରେ କାନ୍ଧ ମିଳାଇ ଆରଏସ୍‌ପି ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବର୍ମା ମଧ ସିଆଇଏସ୍‌ଏଫ୍ ୟୁନିଟକୁ ଅଧିକ ସୁଦୃଢ କରିବା ପାଇଁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ରତନ କୁମାର ସିଆଇଏସ୍‌ଏଫ୍ ଆରଏସ୍‌ପି ୟୁନିଟର ଭବିଷ୍ୟତ ଆହ୍ୱାନର ମୁକାବିଲା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସିଆଇଏସ୍‌ଏଫ୍ ଡଗ୍ ସ୍କ୍ୱାଡ୍ ଦ୍ୱାରା ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା। ଅଶୋକ ଜଲ୍ଗାନିଆ ଧନ୍ୟବାଦ ଅର୍ପଣ କରିଥିଲେ।


ପରେଡ୍‌ରେ ଡିଆଇସି ଅଭିବାଦନ ଗ୍ରହଣ କରୁଛନ୍ତି।

## ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ସଦସ୍ୟ ଗିରଫ

ରାଉରକେଲା,୧୦।୩(ସଙ୍ଗୀତା ଜେନା)


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ପ୍ରଦାନ କରୁଛନ୍ତି।

**ପ୍ରାକ୍ତନ ପୋଲିସ କର୍ମଚାରୀଙ୍କଠୁ ୫ଲକ୍ଷ ଟଙ୍କା ଡକାୟତି ମାମଲା**

ଗତ ଜାନୁଆରୀ ୯ ତାରିଖରେ ରାଉରକେଲା ସେକ୍ଟର-୧୯ ଥାନା ଅଧୀନ ଏସ୍‌ବିଆଇ ସମ୍ମୁଖରେ ପ୍ରାକ୍ତନ ପୋଲିସ କର୍ମଚାରୀଙ୍କଠାରୁ ୫ଲକ୍ଷ ଟଙ୍କା ଡକାୟତି ମାମଲାର ପର୍ଦ୍ଦାଫାଶ ହୋଇଛି। ଏଥିରେ ଆନ୍ତରାଜ୍ୟ ଗ୍ୟାଙ୍ଗ ସାମିଲ ଥିବାବେଳେ ସେମାନଙ୍କ ମଧ୍ୟରୁ ଓଡ଼ିଶାରେ ସକ୍ରିୟ ଜଣେ ଅଭିଯୁକ୍ତଙ୍କୁ ରାଉରକେଲା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ଲାଣ୍ଟସାଇଟ୍ ଥାନା ଟ୍ରାଫିକ୍ ଗେଟ୍‌ର ରାଜେଶ ଆଣ୍ଟୋନୀ(୩୨)। ତାଙ୍କଠାରୁ ଚୋରି ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୭ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ଏ ନେଇ ଏକ ମାମଲା (ନଂ.୧୦/୨୫) ରୁଜୁ କରି ଅପରାହ୍ନ ୪ଟାରେ ରାଜେଶଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ସୋମବାର ମଧ୍ୟାହ୍ନ ୧୨ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ନିତେଶ ୱାଧୱାନୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାଏକ ଏଥିରେ ଉପସ୍ଥିତ ଥିଲେ।

ଏସ୍‌ପି ୱାଧୱାନୀ ସୂଚନା ପ୍ରଦାନ କରି କହିଲେ, ଜାନୁଆରୀ ୯ରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରାଜଗାଙ୍ଗପୁର କୁକୁଡ଼ା ଅଞ୍ଚଳର ସୁଶୀଲ ମାଝୀ(୬୦) ସପରିବାର ସେକ୍ଟର-୧୯ସ୍ଥିତ ଏସ୍‌ବିଆଇ ଟାଉନଶିପ୍ ଶାଖାରୁ ୫ଲକ୍ଷ ଟଙ୍କା ଉଠାଣ କରିଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ କଳା ପଲସରରେ ଆସି ତାଙ୍କଠାରୁ ଟଙ୍କା ଛଡେଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସୁଶୀଲ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରେ ଏହା ଏକ ଆନ୍ତରାଜ୍ୟ ଗ୍ୟାଙ୍ଗ୍‌ର କାମ ବୋଲି ଜଣାପଡ଼ିଥିଲା। ଯୋଜନାବଦ୍ଧ ଭାବେ ଉକ୍ତ ଗ୍ୟାଙ୍ଗର କିଛି ସଦସ୍ୟ ବ୍ୟାଙ୍କ ନିକଟରେ ଉପସ୍ଥିତ ରହୁଥିଲେ। କିଏ କେତେ ପରିମାଣର ଟଙ୍କା ଉଠାଣ କରୁଛି ତାକୁ ଅନୁଧାନ କରି ସେମାନେ ସାଙ୍କେତିକ ଭାଷାରେ ବାଇକରେ ଥିବା ସଦସ୍ୟଙ୍କୁ କହୁଥିଲେ। ପରେ ବାଇକ୍‌ରେ ଥିବା ସଦସ୍ୟମାନେ ଛିନ୍ତାଇ କରି ଫେରାର ହେଉଥିଲେ। ଏହି ଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନେ ବିହାର କଟିହାର ଜିଲାର। ଘଟଣା ପରେ ସେମାନେ ଲୁଟ୍ ଅର୍ଥକୁ ଘରକୁ ପଠାଇ ଦେଇଥିଲେ। ସେମାନେ ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରେ ଏଭଳି ଲୁଟ୍ କରନ୍ତି। ଏହାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ, ବିହାର ଯାଇ ଯାଞ୍ଚ କରିଥିଲା। କଟିହାର ପୋଲିସ ସହାୟତାରେ ସମସ୍ତ ଅର୍ଥରାଶି ଜବତ ହୋଇଥିଲା। ତେବେ ତଦନ୍ତ ଜାରି ରହିଛି। ଗ୍ରାହକ ବ୍ୟାଙ୍କରେ ଟଙ୍କା ଉଠାଣ ପାଇଁ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

## ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ମଞ୍ଚର ସଦସ୍ୟଗଣ।

ରାଉରକେଲା,୧୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ସଚେତନ ନାଗରିକ ମଞ୍ଚର ୧୨ତମ ପ୍ରତିଷ୍ଠା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ସେକ୍ଟର-୩ ସ୍ଥିତ ଖଡ୍ଗ ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଇଂ. ବିମଳ କୁମାର ବିଶିଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପି. ପି. ରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଆୟବ୍ୟୟ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସେହିପରି ଆଗାମୀ ୧୬ ତାରିଖରେ ହେବାକୁ ଥିବା ପ୍ରତିଷ୍ଠା ଦିବସ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପ୍ରତିଷ୍ଠା ଦିବସ ଖଡ୍ଗ ଭବନଠାରେ ଦିବା ୧୧ଘଟିକା ସମୟରେ କରାଯିବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ଡା. ବସନ୍ତ କୁମାର ଦାସ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଶ୍ରୀମନ୍ତ କୁମାର ବର୍ମା, ଉପେନ୍ଦ୍ର କୁମାର ନାୟକ, ବିଷ୍ଣୁଚରଣ ସାମଲ, ଜଟାଧାରୀ ମାଝୀ, ଅକ୍ଷୟ କୁମାର ଜେନା, ରମେଶ ଚନ୍ଦ୍ର ସେଠୀ, ଚକ୍ରାନ୍ତ ଜେନା, ସୁବ୍ରତ ମଲ୍ଲିକ, ସସ୍ମିତା ପ୍ରଧାନ, ଶଶଧର ପାତ୍ର, କୁଞ୍ଜ ବିହାରୀ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋଦାମ ପୋଡ଼ି ଲକ୍ଷାଧିକ ମୂଲ୍ୟର ସାମଗ୍ରୀ ନଷ୍ଟ

କୁଆଁରମୁଣ୍ଡା,୧୦।୩(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା ରାଏବୋଗା ଥାନା ଅନ୍ତର୍ଗତ ଝୁନମୁର ଗୋପୁର ରାସ୍ତାରେ ଥିବା ପ୍ରବିନ ସାହୁଙ୍କ ଗୋଦାମ ଘରେ ରବିବାର ରାତିରେ ନିଆଁ ଲାଗି ଲକ୍ଷାଧିକ ମୂଲ୍ୟର କପଡା, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ରବିବାର ରାତିରେ ଏହି ନିଆଁ ଲାଗିଥିଲା ବେଳେ ଗୋଦାମ ମାଲିକ ପ୍ରବୀନ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କୁଆଁରମୁଣ୍ଡା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋମବାର ଏନେଇ ରାଏବୋଗା ଥାନାରେ ଲିଖିତ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଥାନାଧିକାରୀ ବାଲୁଙ୍କେଶ୍ୱର ନାୟକ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ହରମୋହନ ମିଶ୍ରଙ୍କ କବିତା ପୁସ୍ତକ 'ସ୍ପର୍ଶ' ଉନ୍ମୋଚିତ

ରାଉରକେଲା,୧୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ହରମୋହନ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ 'ସ୍ପର୍ଶ'ର ଲୋକାର୍ପଣ ଉତ୍ସବ ସଂସଦ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଅଶ୍ୱିନୀ ରାୟ ବରେଣ୍ୟ ଅତିଥି ଏବଂ କବି ସୁସ୍ମିତା ମହାପାତ୍ର ପୁସ୍ତକ ସମୀକ୍ଷିକା ଭାବେ ଯୋଗଦାନ କରିଥିଲେ। ଅଲ୍ ଇଣ୍ଡିଆ ରେଡ଼ିଓର ଉଦ୍‌ଘୋଷିକା ଅନିତା ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଗୀତାରାଣୀ ବେହେରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ସମ୍ଭାଷଣ, କାର୍ଯ୍ୟକାରୀ ସଭାପତି ତଥା ପ୍ରକାଶକ ମନୋଜ କୁମାର ନନ୍ଦ ପୁସ୍ତକ ପ୍ରକାଶନ ବାବଦରେ ଆଲୋକପାତ କରିଥିଲେ। କବି ହରମୋହନ ମିଶ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କବି ଅର୍ଚ୍ଚନା ପାତ୍ର, ତ୍ରିନାଥ ସିଂ, ବିଜୟିନୀ ଜେନା, ପ୍ରତାପ କୁମାର ପଣ୍ଡା, ଗୌତମ ଦାସ, ଉପେନ୍ଦ୍ର ବସ୍ତିଆ ଏବଂ ସସ୍ମିତା ପ୍ରଧାନ ପୁସ୍ତକର ନିର୍ବାଚିତ କବିତା ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ କବି ବିଷ୍ଣୁପ୍ରିୟା ମହାପାତ୍ର ଓ ଉମେଶ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। କଲ୍ୟାଣୀ ଦାସ, ଅରୁନ୍ଧତୀ ସ୍ୱାଇଁ, କ୍ଷୀରୋଦା ବାରିକ ଓ ଭୁବନେଶ୍ୱରୀ ପଟ୍ଟନାୟକଙ୍କୁ ନାରୀଶକ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। କବି ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି ଯୋଗ ଦେଇଥିଲେ।



ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସମାଜ ପରିବର୍ତ୍ତନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୧୦।୩
(ଦିନେଶ ମିଶ୍ର/ବିପ୍ଳବ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ। କାର୍ଯ୍ୟକ୍ରମରେ କୃତୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା ଓରାମପଡାସ୍ଥିତ ରାମବିହାର ପରିସରରେ ଶାନ୍ତି କଲୋନି ମହିଳା କମିଟି ପକ୍ଷରୁ ସଭାପତି ନୟନୀ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଜାତୀୟ ମାନବ ଅଧିକାର ସଙ୍ଗଠନର ମହିଳା ସଭାନେତ୍ରୀ ସରୋଜିନୀ ବାକ୍ସ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ପରିବର୍ତ୍ତନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ନାରୀମାନେ ସମାଜର ଉନ୍ନତି ଦିଗକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଡିପିଓ ମମତା ଦେଇ, ଆଇନଜୀବୀ ଆରତି ଚୌଧୁରୀ, ସମାଜସେବୀ ଲକ୍ଷ୍ମୀ ସିଂ, ସସ୍ମିତା ଥାଟେଇ ପ୍ରମୁଖ ମହିଳା ଦିବସର ଆଭିମୁଖ୍ୟ ଓ ମହିଳାମାନେ ଆତ୍ମନିର୍ଭରଶୀଳ ଲାଗି ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଭା ନାଗ, ଆରତୀ ମହାନନ୍ଦ, ହରପ୍ରିୟା ସାହୁ, ସୁକାନ୍ତି ସାହୁ, ଖୁସବୁ ଦେବୀ, ହେମଲତା ସ୍ୱାଇଁ, ଜ୍ୟୋତି ବଡାଇକ, ଗୀତା ସିଂ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥଲା। ରେଖୁ ଭୂୟାଁ, ଜୟନ୍ତୀ ମହାନନ୍ଦ, ସନ୍ଧ୍ୟାରାଣୀ ଚମ୍ପତି, ହେମଲତା ସାହୁଙ୍କ ସମେତ ଶାନ୍ତି କଲୋନି ଅଷ୍ଟପ୍ରହର କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ।

ରାଉରକେଲାର ସେକ୍ଟର-୮ କମ୍ୟୁନିଟି ସେଣ୍ଟରରେ ସୁନ୍ଦରଗଡ଼ ଜିଲା ପତଞ୍ଜଳି ମହିଳା ଯୋଗ ସମିତି ଆନୁକୂଲ୍ୟରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନାତନ ଧର୍ମରେ ଦେବୀଙ୍କ ନାମ ପ୍ରଥମେ ଉଚ୍ଚାରଣ କରାଯାଇ ସମ୍ମାନର ସହ ଉଚିତ ସ୍ଥାନ ଦିଆଯାଉଥିବା ପ୍ରକାଶ କରିଥିଲେ। ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ପିୱାଇଏସ୍ ପ୍ରଭାରୀ ପ୍ରଦୀପ୍ତ ସାହୁ, ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଯୁବା ପ୍ରଭାରୀ ରଞ୍ଜନ ସାମଲ, ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର, ବିଏସ୍‌ଟି ମହାମନ୍ତ୍ରୀ ଆରତୀ ସାହୁ, ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, ମହିଳା ସଙ୍ଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଦିବସ ଉପଲକ୍ଷେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରର ଭଉଣୀ ଓ କମ୍ୟୁନିଟି ସେଣ୍ଟର ସଭାପତି ଓ କର୍ମୀମାନେ ସହଯୋଗ କରିଥିଲେ।

ସେହିପରି ସାମାଜିକ ଅନୁଷ୍ଠାନ ହାପି ମୁମେଣ୍ଟ୍‌ସ ଇଣ୍ଡିଆ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ଭଞ୍ଜ ଭବନସ୍ଥିତ ଆଦର୍ଶ ସାହିତ୍ୟ ଘରଠାରେ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତା ଓ ଅନିଲ କୁମାର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ପ୍ରିୟମ୍ବଦା ଦାଶ, ଶିକ୍ଷାବିତ୍ ଗୀତାଞ୍ଜଳି ମହାପାତ୍ର, ଡ଼ ସ୍ୱର୍ଣ୍ଣଲତା ଲେଙ୍କା, କୁମାର ବେହେରା, ଋଷି ଆର୍ଯ୍ୟ, ଉପଦେଷ୍ଟା କୁଞ୍ଜ ବିହାରୀ ରାଉତ, ଜ୍ୟୋତି ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି, ବ୍ରଜେନ୍ଦ୍ର ଦାଶ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବହୁ କବି କବିତା ପାଠ କରିଥିଲେ। ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜନ ସାହୁ, ମାନୋସୀ ଘୋଷ, ତରୁଲତା ସାମଲ, ରବର୍ଟ ହାଇଫିଲ, ସୁନ୍ଦର ସାହୁ, ଧନଲକ୍ଷ୍ମୀ ବେହେରା, ସସ୍ମିତା ପ୍ରଧାନ, ଚିନ୍ମୟୀ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ମହାନଦୀ ସେତୁରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର,୧୦।୩(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନେଲସନ ମଣ୍ଡେଲା ଛକରୁ ଚାଉଁରପୁରକୁ ସଂଯୋଗୀକରଣ ରାସ୍ତାରେ ଥିବା ମହାନଦୀର ଦ୍ୱିତୀୟ ସେତୁ ଉପରୁ ନଦୀକୁ ଡେଇଁ ସୋମବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତକ ଧନୁପାଲି ଥାନା ଚାରଭାଟିର ମଞ୍ଜୁସା ମେହେର(୪୦)। ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଉକ୍ତ ସେତୁର ବାଡ଼ ନିକଟରେ ଜଣେ ମହିଳାଙ୍କ ଚପଲ ଥିବା କେତେକ ଦେଖିଥିଲେ। ବାଡ଼ ଉପରୁ ଦେଖିବାରୁ ପଥର ଓ ଶୁଖିଲା ଘାସ ଉପରେ ଜଣେ ମହିଳା ପଡ଼ିଥିବା ଦେଖିଥିଲେ। ଖବର ପାଇ ବୁର୍ଲା ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ମୃତାଙ୍କ ସ୍ୱାମୀ ରାଜେଶ ମେହେର ଲକ୍ଷ୍ମୀ ଟକିଜ ଛକ ନିକଟ ମହିଳା ଥାନା ସମ୍ମୁଖରେ ଛତୁ ବିକ୍ରୟ କରନ୍ତି ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅତୀତରେ ମଧ୍ୟ ଏହି ସେତୁ ଉପରୁ ଅନେକ ମହିଳା ଓ ଯୁବତୀ ମହାନଦୀ ଗର୍ଭକୁ ଡେଇଁ ଆତ୍ମହତ୍ୟା କରିଥିବା ନଜିର ରହିଛି।

# ଗୁଣ୍ଡିଖାଇ ଭେଟ୍‌ଘାଟ ଉପଲକ୍ଷେ ବିବିଧ ପ୍ରତିଯୋଗିତା

ସମ୍ବଲପୁର,୧୦।୩ (ଭବାନୀ ଶଙ୍କର ଭୋଇ)



ଅତିଥିଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ସାଂସ୍କୃତିକ ସମାଜ ତରଫରୁ ସୋମବାର ଗୁଣ୍ଡିଖାଇ ଭେଟ୍‌ଘାଟ ପାଳନ ଅବସରରେ ସ୍କୁଲ ତଥା କଲେଜ ସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବକ୍ତୃତା ପ୍ରତିଯୋଗୀତାରେ ସ୍କୁଲସ୍ତରୀୟ ସେଣ୍ଟ ଜୋଶେଫ କନଭେଣ୍ଟ ସ୍କୁଲର ଆରିମେଶ ପାଣିଗ୍ରାହୀ ପ୍ରଥମ, ବିକାଶ ସ୍କୁଲର ଅନ୍ୱେଷା ପାଣିଗ୍ରାହୀ ଓ ଅନନ୍ୟା ପତି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। କଲେଜସ୍ତରରେ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ସ୍କୁଲର ସ୍ୱୟଂ ପ୍ରକାଶ ସାହୁ ପ୍ରଥମ, ସରକାରୀ ମହିଳା ମହାବିଦ୍ୟାଳୟର ସ୍ୱର୍ଣ୍ଣମୟୀ କୁମୁରା ଦ୍ୱିତୀୟ ଓ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ସ୍କୁଲର ଶୁଭଶ୍ରୀ ମେହେର ତୃତୀୟ ହୋଇଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗୀତାରେ ଉଚ୍ଚ ପ୍ରାଥମିକସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ସୁଗନ୍ଧା ବିଶ୍ୱାସ ପ୍ରଥମ, ଅନୁପ୍ରଭା ବେହେରା ଓ ଆୟୁଷ ପାଣ୍ଡେ ଯୁଗ୍ମ ଦ୍ୱିତୀୟ, ଆଇଶା ଜାଲ ଓ କନଭେଣ୍ଟ ସ୍କୁଲର ଆୟୁସି ମିତ୍ର ଯୁଗ୍ମ ତୃତୀୟ ହୋଇଛନ୍ତି।

ସେହିପରି ହାଇସ୍କୁଲସ୍ତରରେ ବିକାଶ ସ୍କୁଲର ସ୍ନିତି ଏସ ଜେନା ପ୍ରଥମ, ବୁଢାରାଜା ହାଇସ୍କୁଲର ସପ୍ତାର୍ଶ୍ୟ ବାନଜି ଓ କନଭେଣ୍ଟ ସ୍କୁଲର ସୌରିଷ ଘୋଷ ଯୁଗ୍ମ ଦ୍ୱିତୀୟ, କନଭେଣ୍ଟ ସ୍କୁଲର ନିବେଦିତା ଶତପଥୀ ଓ ଇଣ୍ଡିଆନ ପବ୍ଲିକ ସ୍କୁଲର ଶୁଭଙ୍କର ମହାନ୍ତି ଯୁଗ୍ମ ତୃତୀୟ ହୋଇଛନ୍ତି। କଲେଜ ସ୍ତରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିସା ମହାପାତ୍ର ପ୍ରଥମ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ତନ୍ମୟ ସାହୁ ଦ୍ୱିତୀୟ ଓ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ସ୍କୁଲର ଅର୍ଚ୍ଚନା ଦାଶ ତୃତୀୟ ହୋଇଛନ୍ତି। ଆସନ୍ତା ୧୪ ତାରିଖରେ ଓଡ଼ିଶା ସାଂସ୍କୃତିକ ସମାଜଠାରେ ଗୁଣ୍ଡିଖାଇ ଭେଟ୍‌ଘାଟ ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ଆୟୋଜନରେ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ ପରେଶ ଦାନୀ, ବରିଷ୍ଠ ସଭ୍ୟ ରତ୍ନଭୂଷଣ ପୃସେଠ, ଅଶୋକ କୁମାର ମିଶ୍ର, ରାମାନୁଜ ପଣ୍ଡା, ଶଙ୍କର ପଣ୍ଡା, ହେମନ୍ତ କୁମାର ପ୍ରଧାନ, ମନୋରଞ୍ଜନ ପଟ୍ଟନାୟକ, କୈଳାସ ମିସ୍ତ୍ରୀ, ଶିବ ନାରାୟଣ ପାଣିଗ୍ରାହୀ, କଳ୍ପନା ମିଶ୍ର, ସୁବାଷ ଚନ୍ଦ୍ର ଦାଶ, ଦିଲୀପ କୁମାର ବଘାର, ଶାନ୍ତନୁ ପାଢ଼ୀ, ତାପସ ଦାଶ ସହଯୋଗ କରିଥିଲେ।

# ୧୦୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଜବତ ଗଞ୍ଜେଇ, କାର ସହିତ ଗିରଫ ଅଭିଯୁକ୍ତ।

ସମ୍ବଲପୁର,୧୦।୩(ପ୍ରମୋଦ ବହିଦାର)

ଠେଲକୋଲୋଇ ପୋଲିସ ଚାଲାଣ ବେଳେ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେ(ରାଜ୍ୟ ରାଜପଥ-୧୦)ର ଖୁଣ୍ଡା ସାତଗଛିଆ ନିକଟରୁ ୧୦୮ କେଜି ଗଞ୍ଜେଇ କରିଛି। ଏହି ଘଟଣାରେ ମଧ୍ୟପ୍ରଦେଶ ଅନୁପପୁର ଥାନା ହରଡ଼୍ ଜମୁନାନଗର କୋଲିଆରୀର ଆରିଫ ଖାନ(୩୦)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ଏକ ମୋବାଇଲ୍, ୧୭୨୦ ଟଙ୍କା ଓ ଚୋରା ଚାଲାଣରେ ବ୍ୟବହୃତ କାର(ସିଜି-୦୪-ଏଚ୍‌ଟି-୭୪୮୬) ଜବତ ଜବତ କରିଛି ପୋଲିସ। ଠେଲକୋଲୋଇ ଥାନା ପୋଲିସ ପାଟ୍ରୋଲିଂ ଦଳକୁ ରାଜ୍ୟ ରାଜପଥ ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା। ସାତଗଛିଆ ନିକଟରେ ଛକି ରହିଥିବା ବେଳେ ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ ଏହି ବାଟ ଦେଇ ଯାଉଥିବା ଏକ କଳା ରଙ୍ଗର କାରକୁ ଦେଖି ପାଟ୍ରୋଲିଂ ଦଳ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ କାରରେ ୭ଟି ବଡ଼ ଜରିବସ୍ତାରେ ଏକାଧିକ ବ୍ୟାଗରେ ରଖା ଯାଇଥିବା ଗଞ୍ଜେଇକୁ ଜବତ କରିଥିଲା ପୋଲିସ। ଏହାବାଦ କାର ଆରୋହୀ ଆରିଫ ଖାନଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରିଥିଲା। ପଚାରାଉଚରାବେଳେ ଆରିଫ ଉକ୍ତ ଗଞ୍ଜେଇକୁ ବୌଦ୍ଧରୁ ଛତିଶଗଡ଼ ଚାଲାଣ କରୁଥିବା କହିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି।

# ଉଦୀୟମାନ ମାତୃକ୍ଷେତ୍ରରେ ଚାରିଦିନିଆ ହୋଲିଶିବିର

ସମ୍ବଲପୁର,୧୦।୩ (ଭବାନୀ ଶଙ୍କର ଭୋଇ)

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ତଥା ହୋଲି ଶିବିର ଆୟୋଜନ ନେଇ ସୋମବାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଯୁଯୁମୁରା ବ୍ଲକ ଦେଦର ନୂଆପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରରେ ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ୫୨ତମ ଶ୍ରୀଅରବିନ୍ଦ କର୍ମଶିବିର(ହୋଲିଶିବିର) ତଥା ସଙ୍ଗତି ମଣ୍ଡଳର ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହେବ। ୧୨ ତାରିଖ ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମ ଆରମ୍ଭ ହେବ। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥିଭାବେ, ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶିବିରରେ ଯୋଗ, ଧ୍ୟାନ, ଶ୍ରମଦାନ, ପାଠଚକ୍ର, ମୁକ୍ତ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯିବ। ଉଦଯାପନୀ ଉତ୍ସବରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମହିଳା, ପୁରୁଷ ଏବଂ ଛାତ୍ରୀଛାତ୍ର ଯୋଗ ଦେବେ ବୋଲି ସୂଚନା ଦିଆଯାଇଥିଲା। ଖବରତଦାତା ସମ୍ମିଳନୀରେ ଶ୍ରୀସଙ୍ଗତି ମଣ୍ଡଳ ସଭାପତି ମନୋରଞ୍ଜନ ପଟ୍ଟନାୟକ, ଆବାହକ ପ୍ରଫୁଲ୍ଲ କୁମାର ପଣ୍ଡା ଏବଂ ବୀରେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଜମନକିରା ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




ଶିବିରରେ ଉପସ୍ଥିତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଅଧିକାରୀ ।

ଜମନକିରା, ୧୦।୩(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମିଳିତ ଜନଅଭିଯୋଗ ଶୁଣାଣିରେ ୪୮ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ୨୯ଟ ବ୍ୟକ୍ତିଗତ ଓ ୧୯ଟି ସାମୂହିକ ସମସ୍ୟା ସହିତ ଜଡିତ ଥିଲା। ଜିଲାପାଳ ଜଣେ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏଥିରେ ଜିଲା, ବ୍ଲକ ଏବଂ ପଞ୍ଚାୟତସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜିଲାପାଳ ବଡରମା ପଞ୍ଚାୟତ ଷଣ୍ଢପଥରରେ ଥିବା ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ସହ ଆଲୋଚନା ମାଧ୍ୟମରେ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

# ସେନ୍‌ପାର୍କରେ ଚିତ୍ତବିନୋଦନ କେନ୍ଦ୍ର ନିର୍ମାଣକୁ ବିରୋଧ

ସମ୍ବଲପୁର,୧୦।୩(ପ୍ରମୋଦ ବହିଦାର)

**ମହାନଗର ନିଗମ ଆୟୁକ୍ତଙ୍କୁ ଦାବିପତ୍ର**

ସମ୍ବଲପୁର ସହର ମଧ୍ୟସ୍ଥଳରେ ଥିବା ସେନ୍‌ପାର୍କରେ ଅତ୍ୟାଧୁନିକ ଚିତ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ମହାନଗର ନିଗମ ପକ୍ଷରୁ ନିଆଯାଇଥିବା ପ୍ରସ୍ତାବକୁ ତୀବ୍ର ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସେନ୍‌ପାର୍କ ସୁରକ୍ଷା ସମିତି ଓ ସମ୍ବଲପୁର ସଚେତନ ନାଗରିକଙ୍କ ପକ୍ଷରୁ ମହାନଗର ନିଗମ ଆୟୁକ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁରକ୍ଷା ସମିତି ଓ ସଚେତନ ନାଗରିକଙ୍କ ପକ୍ଷରୁ କୁହାଯାଇଛି ଯେ, ତତ୍କାଳୀନ ବ୍ରିଟିଶ ସରକାର ଅଧିକାରୀମାନଙ୍କ ପକ୍ଷରୁ ଭାରତୀୟଙ୍କ ଉପରେ କରାଯାଇଥିବା ଅପମାନଜନକ କଟକଣାକୁ ଚ୍ୟାଲେଞ୍ଜ କରି ସମ୍ବଲପୁର ସହରରେ ଏକ ପାର୍କ, କ୍ଲବ ଓ ବିଦ୍ୟାଳୟ ନିର୍ମାଣ ପାଇଁ ସମ୍ବଲପୁରର ପ୍ରଥମ ଆଇନଜୀବୀ ଯୋଗେନ୍ଦ୍ର ନାଥ ସେନ ନିଜ ବ୍ୟକ୍ତିଗତ ଜମିରୁ କିଛି ଅଂଶ ଦାନ ସୂତ୍ରରେ ପ୍ରଦାନ କରିଥିଲେ। ଉକ୍ତ ଜମିରେ ସମ୍ବଲପୁର ସହର ମଧ୍ୟରେ ସମ୍ବଲପୁର କ୍ଲବ, କ୍ରୋଫୋର୍ଡ ସ୍କୁଲ ଓ ପେନ୍‌ସନପଡ଼ାଠାରେ ଏକ ପାର୍କ ନିର୍ମିତ ହୋଇଥିଲା। ଯାହା ପରବର୍ତ୍ତୀକାଳରେ ସେନ୍‌ପାର୍କ ନାମରେ ନାମିତ ହୋଇ ସମ୍ବଲପୁରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ସମ୍ବଲପୁର ଜନସାଧାରଣଙ୍କ ଦ୍ୱାରା ଏହା ବର୍ତ୍ତମାନ ମଧ୍ୟ ବ୍ୟବହୃତ ହୋଇ ଆସୁଛି। ସହରର ମଧ୍ୟ ଭାଗରେ ସେନପାର୍କ ଭଳି ବୃକ୍ଷଲତାମୟ ଏକ ସବୁଜିମାସ୍ଥଳୀ ପ୍ରାକୃତିକ ପରିବେଶ ଅଗଣିତ ସହରବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ବର୍ଦ୍ଧକ କେନ୍ଦ୍ରରେ ପରିଣତ ହୋଇଛି। ତେଣୁ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସେନ୍‌ପାର୍କ ସୁରକ୍ଷା ସମିତି ଗଠିତ ହୋଇଥିଲା। ଦୀର୍ଘବର୍ଷ ଧରି ଉକ୍ତ ସଙ୍ଗଠନ ସେନ୍‌ପାର୍କର ସୌନ୍ଦର୍ଯ୍ୟକରଣ, ସବୁଜିମାର ସୁରକ୍ଷାରେ ନିଷ୍ଠାପର ଭବେ କାମ କରି ଆସିଛି। ଏଭଳି କ୍ଷେତ୍ରରେ ବର୍ତ୍ତମାନ ଏଠାରେ ଅତ୍ୟାଧୁନିକ ଚିତ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ମହାନଗର ନିଗମ ଓ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମୁମ୍ବାଇର ଏକ ସଂସ୍ଥାକୁ କେନ୍ଦ୍ର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବାକୁ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ଯାହା ସମ୍ବଲପୁରବାସୀଙ୍କୁ ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ଅଭିଯୋଗ କରିଛନ୍ତି ସେନ୍‌ପାର୍କ ସୁରକ୍ଷା ସମିତି ଓ ସମ୍ବଲପୁର ସଚେତନ ନାଗରିକ ବର୍ଗ। ସମ୍ବଲପୁରର ସ୍ୱାଭିମାନର ରକ୍ଷା ପାଇଁ ସେନ୍‌ପାର୍କର ସବୁଜିମା ବଜାୟ ରଖିବା ସହିତ ଏଠାରେ ଅତ୍ୟାଧୁନିକ ଚିତ୍ତ ବିନୋଦନ କେନ୍ଦ୍ର ନିର୍ମାଣ କରିବା ନିଷ୍ପତ୍ତିରୁ ମହାନଗର ନିମଗ ବିରତ ରହିବା ପାଇଁ ସୁରକ୍ଷା ସମିତି ଓ ସଚେତନ ନାଗରିକ ମହଲ ପରାମର୍ଶ ଦେଇଛି।

# ଅନିଲ କୁମାର ସିଂହଙ୍କୁ ଶ୍ରେଷ୍ଠ ସିଇଓ ପୁରସ୍କାର



ରାଜ୍ୟପାଳ ଡ଼. ହରି ବାବୁ କମ୍ଭମ୍‌ପାଟି ଜେଏସ୍‌ଡବ୍ଲ୍ୟୁ ନିର୍ଦ୍ଦେଶକ ଅନିଲ କୁମାର ସିଂହଙ୍କୁ ସମ୍ମାନିତ କରୁଛନ୍ତି।

ସମ୍ବଲପୁର,୧୦।୩(ଭବାନୀ ଶଙ୍କର ଭୋଇ)

ଜେଏସଡବ୍ଲ୍ୟୁ ଗ୍ରୁପ ପୁଞ୍ଜିନିବେଶ, ଅତ୍ୟାଧୁନିକ ଉତ୍ପାଦନ ସୁବିଧା ଏବଂ ସ୍ଥାୟୀ ଅଭିବୃଦ୍ଧି କ୍ଷେତ୍ରରେ ଭାଗିଦାର ହୋଇ ଶିଳ୍ପକ୍ଷେତ୍ରରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛି। ସେଥିପାଇଁ ଗତ ଶନିବାର ଭୁବନେଶ୍ୱରର ବେହେରାମୁଣ୍ଡା ଗ୍ରାଉଣ୍ଡରେ ଆୟୋଜିତ ସମାରୋହରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଜେଏସଡବ୍ଲ୍ୟୁ-ବିପିସିଏଲ ନିର୍ଦ୍ଦେଶକ ଅନିଲ କୁମାର ସିଂହଙ୍କୁ ସମ୍ମାନଜନକ ଶ୍ରେଷ୍ଠ ସିଇଓ ପୁରସ୍କାରରେ ସମ୍ମାନିତ କରିଥିଲେ। ଏହି ପୁରସ୍କାର ପାଇଁ ଚୟନ ଏସଆଇଟିଏର ଅଧ୍ୟକ୍ଷ ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏବଂ ନାଲକୋର ପୂର୍ବତନ ମୁଖ୍ୟପରିଚାଳନା ନିର୍ଦ୍ଦେଶକ ଏବଂ ଶିଳ୍ପ ବିଶେଷଜ୍ଞ ଡକ୍ଟର ଟି.କେ. ଚାନ୍ଦଙ୍କ ଦ୍ୱାରା ଆହୂତ ଏକ ବିଶିଷ୍ଟ ପ୍ୟାନେଲ ଦ୍ୱାରା କରାଯାଇଥିଲା।

# କକା ହତ୍ୟାକାରୀ ପୁତୁରାଙ୍କୁ ଆଜୀବନ କାରାଦଣ୍ଡ

କୁଚିଣ୍ଡା,୧୦।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ମହୁଲମୁଣ୍ଡା ଗ୍ରାମରେ ୨୦୨୧ ମସିହାରେ ଘଟିଥିବା ଅଗସ୍ଟୁସ ବର୍ଲା ହତ୍ୟା ମାମଲାର ରାୟ ସୋମବାର ରାୟ ପ୍ରକାଶ ପାଇଛି। କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ ରାଜକିଶୋର ଲେଙ୍କା କକା ହତ୍ୟାକାରୀ ପୁତୁରା ପ୍ରଫୁଲ୍ଲ ବାର୍ଲା(୬୪)ଙ୍କୁ ଆଜୀବନ କାରାଦଣ୍ଡ ଓ ୪୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି।

ବାମରା ବ୍ଲକ ଗଡପୋଷ ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମର ମୃତ ଅଗସ୍ଟୁସ ବାର୍ଲା ଓ ପୁତୁରା ପ୍ରଫୁଲ୍ଲ ବାର୍ଲାଙ୍କ ମଧ୍ୟରେ ପୂର୍ବ ଶତୃତା ରହିଥିଲା। ୨୦୨୧ ମାର୍ଚ୍ଚ ୨୦ତାରିଖ ସକାଳ ସାଢେ ୭ଟାରେ ଅଗସ୍ଟୁସ ତାଙ୍କ ସହଯୋଗୀ ନେଲସନ ବାର୍ଲାଙ୍କ ସହ ମହୁଲ ଗୋଟାଇ ଘରକୁ ଫେରୁଥିଲେ। ନେଲସନ ଆଗରେ ଆସୁଥିବା ବେଳେ ପଛରେ ଆସୁଥିବା ଅଗସ୍ଟୁସ ହଠାତ ଚିତ୍କାର କରିଥିଲେ। ପ୍ରଫୁଲ୍ଲ ଏକ ଟାଙ୍ଗିଆରେ ଅଗସ୍ଟୁସଙ୍କୁ ଆକ୍ରମଣ କରୁଥବା ଦେଖି ନେଲସନ ସେଠାରୁ ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ଘଟଣାସ୍ଥଳକୁ ଯାଇ ଅଗସ୍ଟୁସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ସୁନ୍ଦରଗଡ ଜିଲା କୁତ୍ରା ମେଡିକାଲ ନେଇଥିଲେ। ଗୁରତର ହେବାରୁ ସେଠାରୁ ଡାକ୍ତର ତାଙ୍କୁ ରାଉରକେଲା ଆଇଜିଏଚ ରେଫର କରିଥିଲେ। ହେଲେ ସେଠାରେ ଅଗସ୍ଟୁସଙ୍କ ମୃତ୍ୟୁ ଘଟିଥିଲା। ଉକ୍ତଦିନ ମୃତକଙ୍କ ନାତି ମହୁଲମୁଣ୍ଡାର ବିନୟ ତିର୍କୀ ଗୋବିନ୍ଦପୁର ଥାନାରେ ରିପୋର୍ଟ କରିଥିଲେ। ତାଙ୍କ ଅଜାଙ୍କୁ ପ୍ରଫୁଲ୍ଲ ଟାଙ୍ଗିଆରେ ହାଣି ଓ ପଥର ଛେଚି ଦେବାରେ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ଏ ନେଇ ଗୋବିନ୍ଦପୁର ଥାନାରେ ଦଫା ୩୦୨/୫୦୬ରେ ଏକ ମାମଲା(ନଂ.୨୯/୨୧)ରୁଜୁ କରି ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ଅଦାଲତ ୧୯ଜଣ ସାକ୍ଷୀଙ୍କ ବୟାନ ଆଧାରରେ ପ୍ରଫୁଲ୍ଲଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସରକାରୀ ଓକିଲ ରବୀନ୍ଦ୍ର କୁମାର ନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ସ୍କୁଲ ସମୟର ସ୍ମୃତି ବଖାଣିଲେ

## ଲେଡି ଲୁଇସ ଗର୍ଲସ୍ ହାଇସ୍କୁଲ ପୁରାତନ ଛାତ୍ରୀଙ୍କ ପୁନଃମିଳନ

ସମ୍ବଲପୁର,୧୦।୩(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ପୁରାତନ ଲେଡ଼ି ଲୁଇସ ଗର୍ଲସ ହାଇସ୍କୁଲ ୧୯୮୩ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଙ୍କ (ଆଲୁମ୍ନି ମିଟ)ପୁନଃମିଳନ ପର୍ବ ସ୍ଥାନୀୟ ରେସିଡେନ୍ସି ସଭାକକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଐତିହ୍ୟ ସମ୍ପନ୍ନ ସ୍କୁଲରେ ୧୯୮୩ ମସିହାରେ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଏକାଠି ପାଠ ପଢୁଥିବା ବାନ୍ଧବୀମାନେ ପରସ୍ପରର ସ୍ମୃତିଚାରଣ କରିଥିଲେ। ପ୍ରଭାତୀ କର ଓ ସଙ୍ଗୀତା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଗୀତ ନୃତ୍ୟ, ରଙ୍ଗ ଖେଳା ସହ କେକକଟା ଯାଇଥିଲା। ସଙ୍ଗୀତା ଗୌନ୍ତିଆ ନିଜସ୍ୱ କବିତା ପୂର୍ଣ୍ଣିମା- ଅମାବାସ୍ୟା ପାଠ କରିଥିଲେ। ପରେ ସ୍କୁଲର ଉନ୍ନତି ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନେ ଆଲୋଚନା କରିଥିଲେ। ଏହି ଆଲୁମିନି ମିଟ୍‌ରେ ସମସ୍ତେ ସମ୍ବଲପୁରୀ ଶାଢ଼ୀ ପରିଧାନ କରିଥିଲେ।



ପୁନଃ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୁରାତନ ଛାତ୍ରୀମାନେ।

# ମହିଳା ହିଂସା ସରକାରର ମୁଖା ଖୋଲିଛି

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସର ବିକ୍ଷୋଭ

ସମ୍ବଲପୁର,୧୦।୩(ବି.ଶଙ୍କର)



ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ସଂପ୍ରତି ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା ବୃଦ୍ଧି ପାଇଛି। ପ୍ରକୃତପକ୍ଷେ ମହିଳା ହିଂସା ଡବଲ ଇଞ୍ଜିନ ସରକାରଙ୍କ ଅସଲ ମୁହଁ ପଦାରେ ପକାଇଛି । ତେଣୁ ରାଜ୍ୟରେ ନାରୀ ନିର୍ଯାତନ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନେତା ଓ କର୍ମୀମାନେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ନେତୃବୃନ୍ଦ ବର୍ତ୍ତମାନ ଓ ରାଜ୍ୟ ବିଗତ ୨୪ ବର୍ଷ ଶାସନ କରିଥିବା ସରକାରଙ୍କ କୁଶାସନକୁ ନେଇ ସ୍ଲୋଗାନ ଦେଇଥିଲେ । ଏଥିସହ ରାଜ୍ୟ ସରକାର ନାରୀଙ୍କୁ ସୁରକ୍ଷା ଦେବା ପ୍ରସଙ୍ଗରେ ଫେଲ ମାରିଥିବା କହିଥିଲେ। ସେହିପରି ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି। ସୁଭଦ୍ରା ଯୋଜନା ଟଙ୍କା ବାଣ୍ଟି ମହିଳାଙ୍କ ମସିହା ପ୍ରଚାର କରୁଥିବା ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହିଛି । ବାଲେଶ୍ୱରର ସୋର, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା, ବଲାଙ୍ଗୀରର ଖଇରାପାଲି, କୋରାପୁଟରର ଲକ୍ଷ୍ମୀପୁର, ଭଦ୍ରକର ବେତଡ଼ା, ଦେବଗଡ଼ ଓ ବରଗଡ଼ରେ ଧନୁଯାତ୍ରା ସମୟରେ ମହିଳାମାନଙ୍କ ପ୍ରତି ଗଣବଳାତ୍କାର ଘଟଣା ରାଜ୍ୟବାସୀଙ୍କ ଭିତରେ ଆଲୋଡନ ସୃଷ୍ଟି କରିଛି । ଯେଉଁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା’ ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି। ସମ୍ବଲପୁର ସହର ଅଳିଆ ଗଦାରେ ପରିଣତ ହୋଇଛି । ଜନସାଧାରଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି । ବିକାଶ ନାମରେ ବୃକ୍ଷ ଛେଦନ କରାଯାଉଛି । ଛୋଟ ଦୋକାନୀମାନଙ୍କ ଦୋକାନ ଭାଙ୍ଗି ଦିଆଯାଉଛି । ଯଦ୍ୱାର ସମ୍ବଲପୁର ସହରରେ ରାସ୍ତାଗୁଡିକରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି । ଏଥିପ୍ରତି ଜିଲା ପ୍ରଶାସନ ନିଦା ବିଷ୍ଣୁ ସାଜିଛନ୍ତି । ସାଧାରଣ ଲୋକ ଅଭିଯୋଗ କଲେ, ସେମାନଙ୍କ ପ୍ରତିବାଦ ସ୍ୱରକୁ ଚାପି ଦିଆଯାଉଛି ବୋଲି ନେତୃ ମଣ୍ଡଳୀ ଅଭିଯୋଗ କରିଛନ୍ତି ।

ବିକ୍ଷୋଭ କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ହମିଦ ହୁସେନ, ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର, ନିରଞ୍ଜନ ତ୍ରିପାଠୀ, ଦୁର୍ଗା ପ୍ରସାଦ ପାଢୀ, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ସୁତାପା ମିତ୍ର, ସୁରଞ୍ଜିନି ବାରିକ, ଦିଲିପ ଦୁରିଆ, କେଦାର ବେରିହା, ସୁତାପା ମିତ୍ର, ଅମିତ ଗୁରୁ, ସୁଧିର ପଣ୍ଡା, ଗିରିଜା ନାୟକ, ରବି ରାଉତ, ଅଖିଳ ପ୍ରତାପ ସିଂ, ଚନ୍ଦ୍ର ପୁରୋହିତ, ବିଜିତେନ୍ଦ୍ର ପ୍ରଧାନ, ମନୋରଞ୍ଜନ ଦାସ, ମହମ୍ମଦ ଜୁବେର ରାଜ୍ୟ ସରକାରଙ୍କୁ ଫେଲ ସରକାର ବୋଲି କହିଥିଲେ। ବିକ୍ଷୋଭ ସମାବେଶ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା ।

